RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -244 ସଂଖ୍ୟା-୨୪୪
ଭୁବନେଶ୍ୱର, ଶୁକ୍ରବାର ୧୨ ଡିସେମ୍ବର ୨୦୨୫
Bhubaneswar, Friday 12 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା-୩.୦ ଲୋକାର୍ପିତ

## ୫ ବର୍ଷରେ ନିର୍ମାଣ ହେବ ୩ ହଜାର ନୂଆ ଚେକ୍ ଡ୍ୟାମ୍



ଭୁବନେଶ୍ୱର,୧୧।୧୨(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା-୩.୦' ଲୋକାର୍ପିତ କରିଛନ୍ତି । ଏହି ଯୋଜନା ପାଇଁ ୨୭୩୮ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ଏବଂ ଏହା ଦ୍ୱାରା ଆଗାମୀ ୫ ବର୍ଷରେ ୩ ହଜାର ନୂଆ ଚେକ୍ ଡ୍ୟାମ୍ ନିର୍ମାଣ ହେବା ସହିତ ୨ ହଜାର ପୁରୁଣା ଚେକ୍ ଡ୍ୟାମ୍‌ର ପୁନଃରୁଦ୍ଧାର କରାଯିବ । ଏହାଦ୍ୱାରା ରାଜ୍ୟରେ ପ୍ରାୟ ୪୮ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିପାରିବ ।

ଭୁବନେଶ୍ୱର ଓୟୁଏଟି ପରିସରରେ ଆୟୋଜିତ ନିଯୁକ୍ତି ମେଳା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୪୨୫ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିବା ସହିତ ୨୦୬୩ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ଏହାର ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ୩.୦ ରେ ଆଜି ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ ୨୦୧ ଟି ଚେକ୍‌ଡ୍ୟାମ୍ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖାଯାଇଛି । ପ୍ରାୟ ୧୬୦ କୋଟି ଟଙ୍କା ବିନିଯୋଗରେ ଏହା ନିର୍ମାଣ କରାଯିବ ଏବଂ ଏହାଦ୍ୱାରା ୫୩୪୨ ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବ । ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନାରେ ଆଜି ରାଜ୍ୟର ୨୨ ଟି ଜିଲ୍ଲାରେ ୧୦୧ ଟି ଚେକ୍‌ଡ୍ୟାମ୍ ଲୋକାର୍ପିତ କରାଗଲା। ଏଥିପାଇଁ ୭୦ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏହା ଦ୍ୱାରା ୨୪୧୬ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିବ ।

ଆଡିବନ୍ଧ ଯୋଜନା ସହିତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ୧୨୫ କୋଟି ଟଙ୍କା ବିନିଯୋଗରେ ମୟୂରଭଞ୍ଜ ଓ ଗଜପତି ଜିଲ୍ଲାରେ ଦୁଇଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି । ଏହା ଦ୍ୱାରା ୪ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବା ସହିତ ପ୍ରାୟ ୧୦ ହଜାର ଚାଷୀ ଉପକୃତ ହେବେ । ଏହା ସହିତ ଆନନ୍ଦପୁର ବ୍ୟାରେଜର ଶାଳନ୍ଦୀ ବାମପାର୍ଶ୍ୱ କେନାଲର ପ୍ରାୟ ୧୪ କିଲୋମିଟର ଅଞ୍ଚଳରୁ ବାଲେଶ୍ୱର ଜିଲ୍ଲାର ପ୍ରାୟ ୧୦ ହଜାର ହେକ୍ଟର ଚାଷ ଜମିକୁ ଭୂ-ତଳ ଜଳସେଚନ ବ୍ୟବସ୍ଥାର ଲୋକାର୍ପଣ କରାଯାଇଛି ।

ସେହିପରି ଅନୁଗୋଳ ଜିଲ୍ଲାର ଅଙ୍ଗପଡା ଠାରେ ୩୩ କୋଟି ଟଙ୍କା ବିନିଯୋଗରେ ଏକ ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ପ୍ରାୟ ୩୫୫ କୋଟି ଟଙ୍କା ବିନିଯୋଗରେ ସମ୍ବଲପୁର ଜିଲ୍ଲାରେ ୬ ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ପ୍ରାୟ ୧,୫୧୫ କୋଟି ଟଙ୍କା ବିନିଯୋଗରେ ରାଜ୍ୟର ୨୦ ଟି ଜିଲ୍ଲାରେ ୨୮, ୩୦୨ ଟି ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

ଆଜି ଉଦ୍‌ଘାଟିତ ହୋଇଥିବା ଜଳସେଚିତ ପ୍ରକଳ୍ପ ଗୁଡିକ ଦ୍ୱାରା ୧୬,୨୫୨ ହେକ୍ଟର ଚାଷଜମିରେ ଜଳସେଚନର ସୁବିଧା ସହିତ ୬୪ ହଜାର ଚାଷୀ ଭାଇ ଉପକୃତ ହେବେ । ସେହିପରି ଭିତ୍ତିପ୍ରସ୍ତର ରଖାଯାଇଥିବା ପ୍ରକଳ୍ପ ଦ୍ୱାରା ୧, ୫୫,୩୬୦ ହେକ୍ଟର ଜମିରେ ଜଳସେଚନ ସୁବିଧାର ବିକାଶ ହେବ ଏବଂ ପ୍ରାୟ ୬୩ ହଜାର କୃଷକ ଉପକୃତ ହେବେ । ସମୁଦାୟ ପ୍ରାୟ ୧ ଲକ୍ଷ ୨୭ ହଜାର କୃଷକ ଉପକୃତ ହେବେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୫୯୧ ଜଣଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଛନ୍ତି ।ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଳ ସମ୍ପଦ ବିଭାଗ ଅନୁ ଗର୍ଗ ଏବଂ ନଗର ଉନ୍ନୟନ ବିଭାଗର ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଲକାନଗିରି ହିଂସା: ପୁଣି ୧୨ ଘଣ୍ଟା ବଢ଼ିଲା ଇଣ୍ଟରନେଟ୍ କଟକଣା



ମାଲକାନଗିରି: ମାଲକାନଗିରିଜିଲ୍ଲା ପ୍ରଶାସନ ଗୁରୁବାର ଦିନ ଜିଲ୍ଲାରେ ସୋସିଆଲ ମିଡିଆ ଦ୍ୱାରା ହିଂସା ବ୍ୟାପିବାର ଆଶଙ୍କାକୁ ଦୃଷ୍ଟିରେ ରଖି ଇଣ୍ଟରନେଟ୍ ବ୍ୟାନ୍‌କୁ ପୁଣି ୧୨ ଘଣ୍ଟା ପାଇଁ ବୃଦ୍ଧି କରିଛନ୍ତି । ଯାହା ଦ୍ୱାରା ଡିସେମ୍ବର ୧୨ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ।ଏହି କଟକଣା ଦ୍ୱାରା ହ୍ୱାଟସଆପ୍, ଫେସବୁକ୍ ଏବଂ ଏକ୍ସ ଭଳି ପ୍ଲାଟଫର୍ମଗୁଡ଼ିକ ଅଚଳ ରହିବ । ଜିଲ୍ଲାର ସମ୍ବେଦନଶୀଳ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁ ଏହି କଟକଣାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରଖାଯାଇଛି ।ଏହା ଦ୍ୱାରା କ୍ରମାଗତ ଚତୁର୍ଥ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ସମୟସୀମା ବୃଦ୍ଧି । ଡିସେମ୍ବର ୮ ତାରିଖରେ ପ୍ରଥମେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବାକୁ ଅବରୋଧ କରାଯାଇଥିଲା, ପରେ ଡିସେମ୍ବର ୯ ତାରିଖରେ ୧୮ ଘଣ୍ଟା ବୃଦ୍ଧି କରାଯାଇଥିଲା ।

ପୁଣିଥରେ, ଡିସେମ୍ବର ୧୦ ତାରିଖରେ ଏହାକୁ ଆଉ ୨୪ ଘଣ୍ଟା ପାଇଁ ବୃଦ୍ଧି କରାଯାଇଥିଲା । ଗୁରୁବାର ଶେଷ ହେବାକୁ ଥିବା ଏହି କଟକଣାକୁ ସମ୍ବେଦନଶୀଳ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ଆଉ ୧୨ ଘଣ୍ଟା ବୃଦ୍ଧି କରାଯାଇଛି ।

ଡିସେମ୍ବର ୪ ତାରିଖରେ ଏକ ମୁଣ୍ଡବିହୀନ ମୃତଦେହ ଉଦ୍ଧାରକୁ ନେଇ ଦୁଇଟି ଗାଁ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିବା ପରେ ଏହି କଟକଣା ଲାଗୁ କରାଯାଇଥିଲା । ଉତ୍ତେଜନାମୂଳକ ବାର୍ତ୍ତା ପ୍ରସାରଣକୁ ରୋକିବା ଏବଂ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା ପାଇଁ ଏହାକୁ ବୃଦ୍ଧି କରାଯାଇଛି ।ଏହି ସମୟରେ, ମାଲକାନଗିରି ଜିଲ୍ଲା କଲେକ୍ଟର ସୋମେଶ କୁମାର ଉପାଧ୍ୟାୟ ପରିସ୍ଥିତିର ସମୀକ୍ଷା କରିବା ପାଇଁ ବ୍ୟକ୍ତିଗତ ଭାବରେ ଗ୍ରାମ ପରିଦର୍ଶନ କରିଥିଲେ । ପ୍ରଶାସନ ନଷ୍ଟ ହୋଇଥିବା ଘର, ଆସବାବପତ୍ର ଏବଂ କ୍ଷତିଗ୍ରସ୍ତ ଗଛଗୁଡ଼ିକର ସମୀକ୍ଷା କରିଛି ଏବଂ ପ୍ରଭାବିତ ଗ୍ରାମବାସୀଙ୍କୁ ସହାୟତା ଯୋଗାଇ ଦେଉଛି । ଏହା ବ୍ୟତୀତ, ଏକ ମାଗଣା ରୋଷେଇ ଘରର ବ୍ୟବସ୍ଥା କରାଯାଇଛି, ଏବଂ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି । ଗ୍ରାମବାସୀଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ କମ୍ବଳ ମଧ୍ୟ ବଣ୍ଟନ କରାଯାଇଛି । ଇତିମଧ୍ୟରେ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମାଲକାନଗିରି ଗସ୍ତ କରି ଦୁଇପକ୍ଷଙ୍କ ମଧ୍ୟରେ ଶାନ୍ତି କମିଟୀ ଗଠନ ନେଇ ଗୁରୁତ୍ୱାରୋପ କରିଛନ୍ତି ।

# ସଂସଦରେ କିଏ ପିଇଲା ଇ-ସିଗାରେଟ୍

ନୂଆଦିଲ୍ଲୀ: ସଂସଦରେ ଗୁରୁବାର ଇ-ସିଗାରେଟକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଛି । ବିଜେପି ସାଂସଦ ଅନୁରାଗ ଠାକୁର ଟିଏମସି ସାଂସଦଙ୍କ ଉପରେ ଲୋକସଭାରେ ଇ-ସିଗାରେଟ୍ ପିଇବା ନେଇ ଅଭିଯୋଗ କରିଛନ୍ତି । ଠାକୁର ପ୍ରଶ୍ନକାଳ ସମୟରେ ଏହି ଅଭିଯୋଗ ଲଗାଇ ବାଚସ୍ପତି ଓମ ବିର୍ଲାଙ୍କୁ ପ୍ରଶ୍ନ କରିଛନ୍ତି ଯେ, କଣ ସଦନରେ ଇ-ସିଗାରେଟର ଅନୁମତି ଦେଇଛନ୍ତି । ବିର୍ଲା ଅନୁମତି ନ ଥିବା କହିବା ପରେ ଠାକୁର କହିଛନ୍ତି ଯେ, ଟିଏମସିର ସାଂସଦ ଗତ ଅନେକ ଦିନ ଧରି ଗୃହରେ ଇ-ସିଗାରେଟ୍ ପିଉଛନ୍ତି ।ଅନୁରାଗ ଠାକୁରଙ୍କ ଅଭିଯୋଗ ପରେ ବିଜେପି ସାଂସଦ ବିରୋଧ କରି ନିଜର ସିଟରେ ଛିଡା ହୋଇ ଆପତ୍ତି ଉଠାଇଛନ୍ତି । କିଛି ସମୟ ତ ଗୃହରେ ହଙ୍ଗାମା ପରି ସ୍ଥିତି ଉପୁଜିଥିଲା । ବାଚସ୍ପତି ଓମ ବିର୍ଲା ସାଂସଦମାନଙ୍କୁ ଶାନ୍ତ ରହିବାକୁ ଅପିଲ୍ କରି ସଂସଦର ମର୍ଯ୍ୟାଦାର ସମ୍ମାନ ରଖିବା ଉଚିତ୍ ବୋଲି କହିଥିଲେ । ସେ ଏହା ମଧ୍ୟ କହିଛନ୍ତି, ଯଦି ଏମିତି ବାସ୍ତବରେ କିଛି ଘଟିଛି ତେବେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଇ-ସିଗାରେଟ୍ ବିବାଦ ବିଷୟରେ ଏକ ଘରୋଇ ଟିଭି ଚ୍ୟାନେଲରେ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି ଯେ ଇ-ସିଗାରେଟ୍ ପିଇବା ସ୍ୱାଭାବିକ ଭାବରେ ଭୁଲ । ଯଦି ଜଣେ ସାଂସଦ ଏପରି କରୁଛନ୍ତି ତେବେ ଏହା ଆହୁରି ଦୁର୍ଭାଗ୍ୟଜନକ । ସିଂହ



କହିଛନ୍ତି ଯେ ସାର୍ବଜନୀନ ଜୀବନରେ ଲୋକମାନେ ଆଇନକୁ ଉଲ୍ଲଂଘନ ନକରି ଏକ ଉଦାହରଣ ସୃଷ୍ଟି କରିବା ଉଚିତ । ଇଲେକ୍‌ଟ୍ରୋନିକ୍ ସିଗାରେଟ୍ ନିଷେଧ ଆଇନ ୨୦୧୯ ଅନୁଯାୟୀ ଭାରତରେ ଇ-ସିଗାରେଟ୍ ସମ୍ପୂର୍ଣ୍ଣ ନିଷିଦ୍ଧ । ଏହି ଆଇନ ଅନୁଯାୟୀ, ଇ-ସିଗାରେଟ୍ ଉତ୍ପାଦନ, ବିକ୍ରୟ, ଆମଦାନୀ ଏବଂ ବଣ୍ଟନ, ଭେପିଂ ତରଳ ପଦାର୍ଥର ସଂରକ୍ଷଣ, ବିଜ୍ଞାପନ କିମ୍ବା ପ୍ରଚାର ବେଆଇନ ।

# ରାସ୍ତାକଡରେ ଶହଶହ ଔଷଧ

ବାଲେଶ୍ୱର,୧୧।୧୨(ନି.ପ୍ର.): ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର । ରୋଗୀଙ୍କୁ ଦେଲେନି, ରାସ୍ତା କଡ଼ରେ ଫିଙ୍ଗିଦେଲେ ସରକାରୀ ଔଷଧ । ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଶ୍ରୀଜଙ୍ଗ-ରସାଳପୁର ରାସ୍ତାର ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ମାତ୍ର କିଛି କିମି ଦୂରରେ ତୁଣ୍ଡରା ରାସ୍ତା ପାର୍ଶ୍ୱରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ । ଅବଧି ସରି ନଥିବା ଔଷଧ ମେଡିକାଲରେ



ରହିବା ପରିବର୍ତ୍ତେ ରାସ୍ତା ପାଖରେ ଅଳିଆ ଗଦାରେ ପଡିଛି । ଫିଙ୍ଗା ଯାଇଥିବା ପୁଳାପୁଳା ସରକାରୀ ଔଷଧର ଅବଧି ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ରହିଛି । ହସ୍ପିଟାଲରେ ଠିକ୍ ସମୟରେ ଔଷଧ ନପାଇ ରୋଗୀ ହନ୍ତସନ୍ତ ହେଉଥିବା ବେଳେ ଅବଧି ସରିନଥିବା ଔଷଧ ରାସ୍ତା ପାଖରେ ଫୋପଡ଼ାଯାଇଛି । ଗୋଟିଏ କି ୨ ପ୍ୟାକେଟ ନୁହଁ ଶହ ଶହ ପ୍ୟାକେଟ ସରକାରୀ ଆଇରନ ଓ ଫଲିକ୍ ଏସିଡ୍ ୫୦ ଏମଏଲର ଶିରପ ପଡିରହିଛି । ଏହି ଔଷଧର ପ୍ରସ୍ତୁତି ତାରିଖ ୨୦୨୫ ମସିହା ଏପ୍ରିଲ ମାସ ଲେଖା ହୋଇଥିବା ବେଳେ ବ୍ୟାଚ୍ ନମ୍ବର ସିଏଚ୍‌ଏସ-୫୦୦୬୫ ରହିଛି । ଔଷଧ ଗୁଡିକର ଅବଧି ତାରିଖ ସେପ୍ଟେମ୍ବର ୨୦୨୬ ମଧ୍ୟ ଲେଖାରହିଛି । ତେବେ ବ୍ୟବହାର ଉପଯୋଗୀ ମେଡିସନ ସବୁ କିଏ ଏବଂ କାହିଁକି ଫୋପାଡିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## କାରାଗାରରୁ ୧୭ କଏଦୀ ଫେରାର ଘଟଣା

# ଜେଲ୍ ଡିଜିଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ

କଟକ,୧୧।୧୨(ନି.ପ୍ର.): ଜେଲରୁ କଏଦୀ ଫେରାର ଘଟଣାକୁ ନେଇ ଜେଲ୍ ଡିଜିଙ୍କୁ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ହୋଇଛି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଖୋର୍ଦ୍ଧା ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ କାରଗାରରୁ ୧୭ଜଣ କଏଦୀ ଖସି ପଳାଇ ଥିଲେ । ଅଦାଲତ ଦ୍ୱାରା ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରୁ ଫେରାର ଥିବା ଏହି କଏଦୀ ମାନଙ୍କୁ ଧରିବା ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ସତ୍ୟପାଠରେ ଉଲେଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ କର୍ତ୍ତବ୍ୟରେ ଅବହେଳା କରିଥିବା ଓ ଦାୟୀ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସତ୍ୟପାଠରେ ଦର୍ଶାଇବାକୁ କହିଛନ୍ତି ଖଣ୍ଡପୀଠ ।

ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମୁନସୀ ଭୁଏଙ୍କ ଜେଲ କ୍ରିମିନାଲ ଅପିଲରେ ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ଡିସେମ୍ବର ୨୨ରେ ପରବର୍ତ୍ତି ଶୁଣାଣି ହେବ । ନଭେମ୍ବର ୨୬ରେ ଶୁଣାଣି ବେଳେ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମର କାରାମଂଗଳ ଅଧିକାରୀଙ୍କ ତରଫରୁ ଦାଖଲ ତଥ୍ୟରୁ ଜଣାପଡିଥିଲା ଯେ ଏହି ମୁକ୍ତାକାଶ କାରାଗାରରୁ ୧୭ଜଣ କଏଦୀ ଫେରାର ଥିବାବେଳେ ୧୫ଜଣ ପାରୋଲ ଅବଧି ଶେଷ ହେବା ପରେ ଆଉ ଫେରି ନାହାନ୍ତି ।

# ରାଜ୍ୟର ୧୬ ସହର ୧୦ ଡିଗ୍ରି ତଳେ

ଭୁବନେଶ୍ୱର,୧୧।୧୨(ନି.ପ୍ର.):: ଓଡ଼ିଶାରେ ଶୀତ ଲହରୀ ବିବାରେ ଲାଗିଛି । ସେମିଲିଗୁଡ଼ାରେ ତାପମାତ୍ରା ରେକର୍ଡ ସର୍ବନିମ୍ନ ୩ ଡିଗ୍ରି ସେଲସିୟସକୁ ଖସି ଆସିଛି । ସେହିପରି ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୧୩ ଡିଗ୍ରି ସେଲସିୟସ୍ ରହିଛି । ଶୀତରେ ହାତଗୋଡ କୋଲ ମାରିଯାଉଛି ।ଭାରତୀୟ ପାଣିପାଗ ବିଭାଗ (ଓଗଉ) ରିପୋର୍ଟ କରିଛି ଯେ, ସେମିଲିଗୁଡ଼ାରେ ତାପମାତ୍ରା ୩.୫ ଡିଗ୍ରି ସେଲସିୟସକୁ ହ୍ରାସ ପାଇଛି । ଯାହା ଚଳିତ ଶୀତ ଋତୁର ସର୍ବନିମ୍ନ ତାପମାତ୍ରା ।



ଜି ଉଦୟଗିରିର ତାପମାତ୍ରା ମଧ୍ୟ ୪ ଡିଗ୍ରି ସେଲସିୟସକୁ ଖସି ଆସିଛି । ଆଇଏମଡି ରିପୋର୍ଟ କରିଛି ଓଡ଼ିଶାର ୧୬ ସହରରେ ତାପମାତ୍ରା ୧୦ ଡିଗ୍ରି ସେଲସିୟସ କିମ୍ବା ତା'ଠାରୁ କମ୍ ରେକର୍ଡ କରାଯାଇଛି ।ଆଇଏମଡି ତଥ୍ୟ ଅନୁଯାୟୀ, ଓଡ଼ିଶାର ବିଭିନ୍ନ ସ୍ଥାନରେ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଛି, ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫.୨ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି । ଏହା ପଛକୁ ଚିପିଲିମାରେ ୬.୧ ଡିଗ୍ରି ସେଲସିୟସ୍, ରାଉରକେଲାରେ ୬.୬ ଡିଗ୍ରି ସେଲସିୟସ୍ ଏବଂ ଝାରସୁଗୁଡ଼ାରେ ୬.୮ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି । ଦାରିଙ୍ଗବାଡିରେ ୭ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି । ଭବାନୀପାଟଣାରେ ତାପମାତ୍ରା ୮ ଡିଗ୍ରି ସେଲସିୟସ୍‌କୁ ହ୍ରାସ ପାଇଛି ।

ସର୍ବନିମ୍ନ ତାପମାତ୍ରା ଅନୁଭୂତ ହେଉଥିବା ଅଞ୍ଚଳ:ସେମିଲିଗୁଡ଼ା – ୩.୫ ଡିଗ୍ରି ସେଲସିୟସ୍‌ଜି ଉଦୟଗିରି – ୪ ଡିଗ୍ରି ସେଲସିୟସ୍, ଫୁଲବାଣୀ – ୫.୨ ଡିଗ୍ରି ସେଲସିୟସ୍, ଚିପିଲିମା – ୬.୧ ଡିଗ୍ରି ସେଲସିୟସ୍, ରାଉରକେଲା – ୬.୬ ଡିଗ୍ରି ସେଲସିୟସ୍, ଝାରସୁଗୁଡ଼ା – ୬.୮ ଡିଗ୍ରି ସେଲସିୟସ୍, ଦାରିଙ୍ଗବାଡି – ୭ ଡିଗ୍ରି ସେଲସିୟସ୍, ଭବାନୀପାଟଣା – ୮ ଡିଗ୍ରି ସେଲସିୟସ୍, ଅନୁଗୁଳ – ୮ ଡିଗ୍ରି ସେଲସିୟସ୍, କିରେଇ - ୮.୧ ଡିଗ୍ରି ସେଲସିୟସ୍, ନବରଙ୍ଗପୁର – ୮.୬ ଡିଗ୍ରି ସେଲସିୟସ୍, କୋରାପୁଟ – ୯.୩ ଡିଗ୍ରି ସେଲସିୟସ୍, ବଲାଙ୍ଗୀର – ୯.୩ ଡିଗ୍ରି ସେଲସିୟସ୍, କେନ୍ଦୁଝର – ୯.୬ ଡିଗ୍ରି ସେଲସିୟସ୍, ସୁନ୍ଦରଗଡ଼ – ୯.୬ ଡିଗ୍ରି ସେଲସିୟସ୍, ସୋନପୁର – ୧୦ ଡିଗ୍ରି ସେଲସିୟସ୍, ଭୁବନେଶ୍ୱର- ୧୩ ଡିଗ୍ରି ସେଲସିୟସ୍ । ରାଜଧାନୀ ଭୁବନେଶ୍ୱରରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ଗୁରୁବାର ସକାଳ ସା;ଇ ୫ଟାରେ ତାପମାତ୍ରା ୧୩ ଡିଗ୍ରି ସେଲସିୟସ୍‌କୁ ହ୍ରାସ ପାଇଥିଲା । ରାଜଧାନୀର ତାପମାତ୍ରା ଗତ ଦଶ ଦିନ ମଧ୍ୟରେ ୯.୬ ଡିଗ୍ରି ସେଲସିୟସ୍ ହ୍ରାସ ପାଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଡିସେମ୍ବର ୧ ତାରିଖରୁ ରାଜଧାନୀର ତାପମାତ୍ରା ହ୍ରାସ ପାଇବାରେ ଲାଗିଛି । ରାଜଧାନୀର ତାପମାତ୍ରା ୨୨.୬ ଡିଗ୍ରି ସେଲସିୟସ୍ ରୁ ୧୩ ଡିଗ୍ରି ସେଲସିୟସ୍‌କୁ ହ୍ରାସ ପାଇଛି । ଆଗାମୀ ଦିନରେ ଭୁବନେଶ୍ୱରର ତାପମାତ୍ରା ଆହୁରି ହ୍ରାସ ପାଇବ ବୋଲି ଆଇଏମଡି ପୂର୍ବାନୁମାନ କରିଛି ।

## ଡାହୁକ



ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ପେଇଁ
ଥିଲେ ସର୍କାରର ଚିନ୍ତା
ବାରମ୍ବାର ଦେଇ ମିଠା ପ୍ରତିଶ୍ରୁତି
କାଟୁଥାନ୍ତେ କ'ଣ ଚିତା
ଅଣଦେଖାକରି ରହିଲେ ଏମିତି
ଶିକ୍ଷକଙ୍କୁ ମଣିହୀନ
ନୁହଁ ବେଶୀଦିନ ହେବ ଶିକ୍ଷାମାନ
ଅଳ୍ପ ଦିନ ମଧ୍ୟେ ଶୂନ ।

-ବିଧୁ

# ଚାଇନିଜ ମାଞ୍ଜା ସୂତା ଜବତ

କଟକ,୧୧।୧୨(ନି.ପ୍ର.): ଝୋଲା ସାହିରୁ ବିପୁଳ ଚାଇନିଜ ମାଞ୍ଜା ସୂତା ଜବତ ହୋଇଛି । ଚଢ଼ାଉ କରି ଜବତ କଲା ସିଏମସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ । ବେଆଇନ ବିକ୍ରି କରୁଥିବା ଦୋକାନ ଓ ଗୋଦାମ ଉପରେ ଚଢ଼ାଉ କରିଛି ସିଏମସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ । ଚାଇନିଜ ମାଞ୍ଜା ସୂତାକୁ ବ୍ୟାନ କରିଛି ପ୍ରଶାସନ କିନ୍ତୁ କାହିଁକି ବିକ୍ରୀ ହେଉଥିଲା ବୋଲି ଯାଞ୍ଚ ଆରମ୍ଭ ହୋଇଛି ।

ସୂଚନା ଥାଉକି ଚାଇନିଜ ମାଞ୍ଜା ସୂତା ଅନେକ ସମୟରେ କାଳ ସାଜିଛି । ଗୁଡି ସୂତା ଲାଗି ଘଟିଛି ଅନେକ ଅଘଟଣ । କଟକ ସହରରେ ପୂର୍ବରୁ ଏକାଧିକ ଘଟଣା ସାମ୍ନାକୁ ଆସିଛି । କାହାର ବେକରେ ମାଞ୍ଜା ସୂତା ଲାଗି ଆହତ ତ ପୁଣି କାହାର ହାତ କଟିଛି । ବାଇକ ଆରୋହୀଙ୍କ ପାଇଁ ସବୁଠୁ ବିପଦ ସାଜିଛି ମାଞ୍ଜାସୂତା । ତେବେ ଏକାଧିକ ଅଘଟଣ ପରେ ସଜାଗ ହୋଇଛି ପ୍ରଶାସନ । ଆଗକୁ ମକର ସଂକ୍ରାନ୍ତି ଥିବାରୁ ତତ୍ପର ହୋଇଛି ପୁଲିସ ଏବଂ ସିଏମସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ।

# ନିଯୁକ୍ତି ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧୨(ନି.ପ୍ର.) ଯିଏ ଯେଉଁ ପଦବୀରେ ବି ଅବସ୍ଥାପିତ ଥାଆନ୍ତୁ ନା କାହିଁକି, ସରକାରୀ ଚାକିରୀକୁ ସବୁବେଳେ ଜନସେବା ଭାବେ ମନେ କରିବେ । ସରକାରୀ ଚାକିରି ମିଳିଯିବା ପରେ କେବେହେଲେ କାର୍ଯ୍ୟରେ ଅବହେଳା କରିବେ ନାହିଁ ଓ ଦୁର୍ନୀତି ଠାରୁ ଲକ୍ଷେ କୋଷ ଦୂରରେ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ତ୍ରୟୋଦଶ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତମାନଙ୍କୁ ପରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଗୁରୁବାର ୫୯୧ ଜଣଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଛନ୍ତି । ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗ, ଜଳ ସମ୍ପଦ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଛନ୍ତି । ଜଳ ସମ୍ପଦ ବିଭାଗର ୨୫୨



ଜଣ, ପୂର୍ତ୍ତ ବିଭାଗର ୧୯୭ ଜଣ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୧୪୨ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ସ୍ୱପ୍ନକୁ ସାକାର କରିବାକୁ ହେଲେ ଦିନରାତି ବହୁତ କଠିନ ପରିଶ୍ରମ ଏବଂ ଉଦ୍ୟମ କରିବାକୁ ପଡ଼ । କେବଳ ସ୍ୱପ୍ନ ଦେଖିଲେ ସାକାର ହୁଏ ନାହିଁ, ତା ପାଇଁ ପରିଶ୍ରମ କରିବାକୁ ପଡ଼ିବ । ମୁଖ୍ୟମନ୍ତ୍ରୀ ଗୀତାର ଏକ ଶ୍ଳୋକକୁ ଉଦ୍ଧୃତ କରିଥିଲେ ।

ସେହିପରି ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ନୂଆ ସରକାର ଆସିବା ପରେ ନିଜ ପ୍ରତିଶ୍ରୁତି ପୂରଣ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ସରକାରୀ ସ୍ତରରେ ନିଯୁକ୍ତି ହେଉଛି । ବିକଶିତ ଭାରତର ବିକାଶର ଦ୍ୱାର ହେବ ପୂର୍ବ ଭାରତ ଏବଂ ପୂର୍ବ ଭାରତର ବିକାଶର କେନ୍ଦ୍ର ବିନ୍ଦୁ ହେବ ଓଡ଼ିଶା । ଆମକୁ ରେଳ ଇଞ୍ଜିନ ହୋଇ ବିକାଶର ରେଳକୁ ଆଗକୁ ବଢ଼ାଇବାକୁ ପଡ଼ିବ । ସେଥିପାଇଁ ମାନବ ସମ୍ବଳର ବହୁତ ଆବଶ୍ୟକତା ରହିଛି । ସେଥିପାଇଁ ୫ ବର୍ଷରେ ଦେଢ଼ ଲକ୍ଷ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖାଯାଇଛି । ସେହିପରି ପ୍ରଥମ ୨ ବର୍ଷରେ ୬୫ ହଜାର ନିଯୁକ୍ତି ମିଳିବ । ପ୍ରଥମ ୧୬ ମାସରେ ୧୨ଟି ନିଯୁକ୍ତି ମେଳା ଜରିଆରେ ୩୭ ହଜାର ୩୨୫ ଜଣଙ୍କୁ ନିଯୁକ୍ତି ଦିଆଯାଇ ସାରିଲାଣି । ଆଜି ୧୩ତମ ନିଯୁକ୍ତି ମେଳାରେ ଆଉ ୫୯୧ ଜଣଙ୍କୁ ନିଯୁକ୍ତି ମିଳିଛି । ତେଣୁ ଏହାକୁ ମିଶାଇ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ମିଳିଛି । ସରକାର ଗତିକୁ ବଢ଼ାଇବାକୁ ଏବଂ ବଜେଟକୁ ପୂର୍ଣ୍ଣ ମାତ୍ରାରେ ଖର୍ଚ୍ଚ କରିବାକୁ ଏହା ସହାୟକ ହେବ । ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଳ ସମ୍ପଦ ବିଭାଗ ଅନୁ ଗର୍ଗ ଏବଂ ନଗର ଉନ୍ନୟନ ବିଭାଗର ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।



# ରାସ୍ତା ଜବରଦଖଲ ହଟିଲା ନାହିଁ ଦୂରହେଲା ନାହିଁ ଲୋକଙ୍କ ସମସ୍ୟା

ର୍ତିର୍ଡୋଲ,୧୧।୧୨:(ମନ୍ଥନ)ଜଗତସିଂହପୁର ଜିଲ୍ଲା ର୍ତିର୍ଡୋଲ ବ୍ଲକ, ଗରାମ ପଞ୍ଚାୟତ ଅଧିନ ଖଣ୍ଡକୋପାଳ ଗ୍ରାମର ଉତ୍ତମ ବାରିକ ନାମକ ଜଣେ ବ୍ୟକ୍ତି ସରକାରୀ ରାସ୍ତା ଉପରେ, ଜବରଦଖଲ କରି ବାରଣ୍ଡା ନିର୍ମାଣ କରିଥିବାରୁ ଦୀର୍ଘ ଦୁଇଦଶନ୍ଧି ଧରି ଏଠାରେ ସରକାରଙ୍କ ଅନୁଦାନ ରେ କଂକ୍ରିଟରୋଡ଼ ନିର୍ମାଣ ହୋଇ ପାରିନଥିଲା । ଏହାର ପ୍ରତିବାଦ ରେ ଆଖପାଖ ତୁଳଙ୍ଗ, ଜଗନ୍ନାଥପୁର, ଗୋବିନ୍ଦପୁର ଆଦି ଚାରି ପଞ୍ଚାୟତ ର ଅଧିବାସୀ ମାନେ ବାରମ୍ବାର ରାଜସ୍ୱନିରୀକ୍ଷକ ଙ୍କ କାର୍ଯ୍ୟାଳୟ, ର୍ତିର୍ଡୋଲ ତହସିଲ ଅଫିସ ଓ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ ଦୋଡି ଦୌଡ଼ି ନାକେଦମ ହେବାକୁ ପଡିଥିଲା । ଶେଷରେ ନିରୁପାୟ ହୋଇ ଗ୍ରାମବାସୀମାନେ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ଆବେଦନ କରିବା ପରେ ମାନ୍ୟବର ହାଇକୋର୍ଟ ଙ୍କ ନିର୍ଦ୍ଦେଶକ୍ରମେ ଓ ଜଗତସିଂହପୁର ଉପଜିଲ୍ଲାପାଳ ଙ୍କ ଆଦେଶ ଅନୁଯାଇ, ଗତ ଡିସେମ୍ବର ୯ ତାରିଖ ମଙ୍ଗଳବାର ଦିନ ଏଗାରଟା ବେଳେ ଚୂଡାନ୍ତ ମାପଚୁପ ହେବ ବୋଲି ନୋଟିସ ହୋଇଥିବା ବେଳେ ଦୀର୍ଘ ଅଢେଇଘଣ୍ଟା ପରେ, ଆର ଆଇ ପୁରୁଷୋତ୍ତମ ସେଠି ଓ ସରକାରୀ ଅମିନ ଗାଲୁ ମାଝି ଓ ଜଣେ ସହଯୋଗୀ ଙ୍କୁ ନେଇ




ସେଠାରେ ପହଞ୍ଚିବା ପରେ ଘଣ୍ଟାଘଣ୍ଟା ଧରି ଅପେକ୍ଷାରେ ଥିବା ସ୍ଥାନୀୟ ଜନପ୍ରତିନିଧି ଓ ଅଧିବାସୀ ମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ମୁରବିଶ୍ରେଣୀୟ ଲୋକମାନେ ଆପୋଷ ବୁଝାସୁଝା କରିବା ପରେ ଅପରାହ୍ନରେ ମାପଚୁପ କରାଯାଇ, ସବୁଥର ଭଳି ସେହି ଜବରଦଖଲ ସ୍ଥାନ ନିରୂପଣ କରାଯାଇ କିଲା ପୋତା ଯାଇଥିଲା । ତେବେ ସବୁଥର ଭଳି ଏଥର ମଧ ଏହି ଜବରଦଖଲ କୁ ହଟାଯିବ ନାଁ ପୂର୍ବପରି କେବଳ ମାପଚୁପ ରେ ରହିଯିବ ବୋଲି ଗ୍ରାମବାସୀ ଓ ଜନପ୍ରତିନିଧି ମାନେ ବିଭିନ୍ନ ଗଣମାଧମର ପ୍ରତିନିଧି ଙ୍କ ସମ୍ମୁଖ ରେ ନିଜନିଜର ପ୍ରତିକ୍ରିୟା ପ୍ରକାଶ କରିଅଛନ୍ତି । ତଥାପି ଦୀର୍ଘ କୋଡିଏବର୍ଷ ପରେ ଉଚ୍ଚନ୍ୟାୟାଳୟ ର ନିର୍ଦ୍ଦେଶ ରେ ଏହି ଚୂଡାନ୍ତ ମାପଚୁପ ହୋଇଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି । ତେବେ ଏହି ମାପଚୁପ ସମୟରେ ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କେଶରୀ ଚଇନି, ସମିତିସଭ୍ୟ ଉମେଶ ଚନ୍ଦ୍ର ବାରିକ, ଜଗନ୍ନାଥପୁର ସରପଞ୍ଚ ସୁଶାନ୍ତ କୁମାର ନାୟକ, ନମିନି ଶେଖ ରଫିକ ଉଦ୍ଦିନ, ନିକୁଞ୍ଜ କିଶୋର ଶତପଥୀ, ମାନବାଧିକାର କର୍ମୀ ସତ୍ୟବ୍ରତ ଶତପଥୀ, ସ୍ଥାନୀୟ ଅମିନ ରାଜକିଶୋର ପ୍ରଧାନ, ପ୍ରଦ୍ୟୁମ୍ନ ତ୍ରିପାଠୀ, ଗଗନ ଖଣ୍ଡୁଆଳ, ଜଗବନ୍ଧୁ ସାହୁ, କାଳନ୍ଦୀ ଶତପଥୀ, ଯଦୁମଣି ବାରିକ, ପ୍ରଶାନ୍ତ ପଣ୍ଡା ଓ ରଶ୍ମିରଞ୍ଜନ ଶତପଥୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ଓ ଜବରଦଖଲକାରୀ ଉତ୍ତମ ବାରିକ ମଧ୍ୟ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା । ତେବେ ଦେଖିବାକୁ ବାକିରହିଲା, ସରକାରଙ୍କ ତରଫରୁ କେବେ ଉଚ୍ଛେଦ ହେଉଛି, ପବ୍ଲିକରାସ୍ତା ଉପରେ ଥିବା ଜବରଦଖଲ ଆଉ କେବେ ନିର୍ମାଣ ହେବାକୁ ଯାଉଛି ଅଧାପନ୍ତୁରିଆ ହୋଇ ପଡିରହିଥିବା କଂକ୍ରିଟ ରାସ୍ତା ତାହା ଦେଖିବାକୁ ବାକି ରହିଲା ।

# ଆଇଆଇଏମଟିରେ ଭାରତର ଅର୍ଥନୈତିକ ବ୍ୟବସ୍ଥା ବିବର୍ତ୍ତନ ଏବଂ ସମସାମୟିକ ଚ୍ୟାଲେଞ୍ଜ ସଂପର୍କରେ ଆଲୋଚନାଚକ୍ର

ଭୁବନେଶ୍ୱର,୧୧।୧୨:(ମନ୍ଥନ)ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଟେକ୍ନୋଲୋଜି (ଆଇଆଇଏମଟି) ଭାରତରେ ଅର୍ଥନୈତିକ ବ୍ୟବସ୍ଥା ଓ ପ୍ରାରମ୍ଭିକ ପର୍ଯ୍ୟାୟରୁ ବର୍ତ୍ତମାନ ପିଢ଼ି ପର୍ଯ୍ୟନ୍ତ ଏହାର ଚ୍ୟାଲେଞ୍ଜ ଶୀର୍ଷକ ଏକ ଅଧିବେଶନ ଆୟୋଜନ କରିଛି । ଏହି ଅବସରରେ ଅରୁଣାଚଳ ପ୍ରଦେଶ ଇଟାନଗରର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ପ୍ରଭାରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର (ଡକ୍ଟର) ସୁଶାନ୍ତ କୁମାର ନାୟକଙ୍କୁ ଆତିଥ୍ୟ କରିବାର ଗୌରବ ମିଳିଥିଲା।ଅଧିବେଶନ ଆରମ୍ଭରେ ଆଇଆଇଏମଟି ଭୁବନେଶ୍ୱରର ଆସୋସିଏଟ୍ ଡିନ୍ ଶ୍ରୀମତୀ ସୋମା ମିତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସେ ଭାରତର ବିକଶିତ ଅର୍ଥନୈତିକ ପରିଦୃଶ୍ୟକୁ ବୁଝିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ପରେ ପ୍ରଫେସର ନାୟକ ଏକ ବ୍ୟାପକ ଏବଂ ଚିନ୍ତନାତ୍ମକ ବକ୍ତୃତା ପ୍ରଦାନ କରିଥିଲେ । ସେ ବିଭିନ୍ନ ପର୍ଯ୍ୟାୟ ମାଧ୍ୟମରେ ଭାରତର ଅର୍ଥନୈତିକ ବ୍ୟବସ୍ଥାର ପରିବର୍ତ୍ତନକୁ ଦର୍ଶାଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟ (ପ୍ରଥମ-ଚତୁର୍ଥ ଅର୍ଥ କମିଶନ), ଜନସଂଖ୍ୟା-କୈନ୍ଦ୍ରିକ ଏବଂ ଆଦର୍ଶ ଆଭିମୁଖ୍ୟ, ପରିବର୍ତ୍ତନ ପର୍ଯ୍ୟାୟ (ପଞ୍ଚମ-ଅଷ୍ଟମ ଅର୍ଥ କମିଶନ): ଆନ୍ତଃରାଜ୍ୟ ଅସମାନତାର ଚିହ୍ନଟ ଏବଂ ମୂଲ୍ୟାଙ୍କନ, ସମ୍ପ୍ରସାରଣ ପର୍ଯ୍ୟାୟ (ନବମ-ଦ୍ୱାଦଶ ଅର୍ଥ କମିଶନ): ବହୁ-ପରିମାଣ ଏବଂ ତଥ୍ୟ-ଚାଳିତ ଢାଞ୍ଚା ଗ୍ରହଣ ଏବଂ ଆଧୁନିକ ପର୍ଯ୍ୟାୟ (ତ୍ରୟୋଦଶ-ପଞ୍ଚଦଶ ଅର୍ଥ କମିଶନ): ସ୍ୱଚ୍ଛ, କାର୍ଯ୍ୟଦକ୍ଷତା-ଭିତ୍ତିକ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଭାରତର ଆର୍ଥିକ ସ୍ଥାପତ୍ୟ ଓ ସନ୍ତୁଳିତ ଏବଂ ସ୍ଥାୟୀ ଅର୍ଥନୈତିକ ବିକାଶ ବଜାୟ ରଖିବା ପାଇଁ ଜଟିଳ ଚ୍ୟାଲେଞ୍ଜ ଉପରେ ତାଙ୍କ ଅଭିଭାଷଣ ଗଭୀର ଦୃଷ୍ଟିକୋଣ ପ୍ରଦାନ କରିଥିଲା । ବକ୍ତୃତା ପରେ, ଏକ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଛାତ୍ର ଏବଂ ଅଧ୍ୟାପକ ଉଭୟ ପ୍ରଫେସର ନାୟକଙ୍କ ସହ ସକ୍ରିୟ ଭାବରେ ଆଲୋଚନା କରିଥିଲେ । ସେମାନେ ଭାରତର ଅର୍ଥନୈତିକ ବ୍ୟବସ୍ଥା ସହିତ ଜଡିତ ବିଭିନ୍ନ ପ୍ରଶ୍ନ ଏବଂ ଚିନ୍ତାଧାରା ଉପରେ ଆଲୋଚନା କରିଥିଲେ, ଯାହା ଏକ ସମୃଦ୍ଧ ଶୈକ୍ଷିକ ଆଦାନପ୍ରଦାନକୁ ସକ୍ଷମ କରିଥିଲା । ଆଇଆଇଏମଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କରଙ୍କ ଧନ୍ୟବାଦ ପ୍ରସ୍ତାବ ଏବଂ ପ୍ରଶଂସାପତ୍ର ପ୍ରଦାନ ସହିତ ଅଧିବେଶନ ଶେଷ ହୋଇଥିଲା ।

# ଜଳେଶ୍ୱରରେ ୧୦ ଦିନ ବ୍ୟାପୀ ଆଧ୍ୟାତ୍ମିକ ମହୋତ୍ସବ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଉଦ୍‌ଘାଟିତ

ଜଳେଶ୍ୱର,୧୧।୧୨:(ମନ୍ଥନ)ଜଳେଶ୍ବରରେ ୧୦ ଦିନ ବ୍ୟାପୀ ଆଧ୍ୟାତ୍ମିକ ମହୋତ୍ସବ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଗତ କାଲି ସନ୍ଧ୍ୟାରେ ପୁରୁଣା କୋର୍ଟ ବଜାର ଠାରେ ଉଦ୍ଘାଟିତ ହୋଇଯାଇଛି ।ଏହି ଅବସରରେ ଆୟୋଜିତ ଉତ୍ସବରେ କମିଟିର ସଭାପତି ପତିତ ପାବନ ପ୍ରଧାନ ପୌରହିତ୍ୟ କରିଥିଲେ। ଉଦଘାଟକ ରୂପେ ଜଳେଶ୍ବର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗ ଦେଇ ବଳଭଦ୍ର,ସୁଭଦ୍ରା ଓ ଜଗନ୍ନାଥଙ୍କ ବିଭିନ୍ନ ବେଶ ଓ ତାହାର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ରୂପେ ଜଳେଶ୍ବରର ଏସ.ଡି.ପି.ଓ ସୁବ୍ରତ ବେହେରା,ସମ୍ମାନିତ ଅତିଥି ରୂପେ ଜଳେଶ୍ବର ଆଇ. ଆଇ.ସି ଅଶୋକ କୁମାର ବାରିକ,ଅବସରପ୍ରାପ୍ତ କେନ୍ଦ୍ର ପେଟ୍ରୋଲିୟମ ବିଭାଗ ନିର୍ଦ୍ଦେଶକ ସୁଧା ରଞ୍ଜନ ସାହୁ,ବରିଷ୍ଠ



ଆଇନଜୀବୀ ଅନିଲ କୁମାର ପରିଡା,ସମାଜସେବୀ ସିଦ୍ଧାର୍ଥ ଶଙ୍କର ପାଲ,ଆଇନଜୀବୀ ଗିରିଜା ଶଙ୍କର ଦାସ, ଲାୟନ୍ସ କ୍ଲବ୍ ସଭାପତି ପ୍ରଶାନ୍ତ କୁମାର ପ୍ରଧାନ,କାଉନସିଲର ପ୍ରତିନିଧି ଆନନ୍ଦ କର ପ୍ରମୁଖ ଯୋଗ ଦେଇ ଅଭିଭାଷଣ ପ୍ରଦାନ କରିଥିଲେ । କାଉନସିଲର ଚନ୍ଦନ ଦାସ,ଆଇନଜୀବୀ ସୁକୁମାର ରଣା ଓ ସୁଶାନ୍ତ କୁମାର ଦାସ,ଶିକ୍ଷାବିତ ରତ୍ନାକର ରାୟ,ସମାଜସେବୀ ସମରେନ୍ଦ୍ର ଦାସ,ଅଧ୍ୟାପକ ନୀଳକଣ୍ଠ ଖଣ୍ଡା,ଜ୍ୟୋତି ମହାପାତ୍ର,ସୁବାସ ଦାସ,ବଂହିମାନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ମହିଳା ମାନଙ୍କର ଏକ ପଟୁଆର କୀର୍ତ୍ତନର ତାଳେତାଳେ ମଙ୍ଗଳାତୋଳା ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଉତ୍ସବ ନିକଟରେ ପହଞ୍ଚିବା ପରେ ବିଧିବଦ୍ଧ ଭାବେ ୩୨ ବେଶ କାର୍ଯ୍ୟକ୍ରମକୁ ତହସିଲଦାର ଶ୍ରୀ ମହାନ୍ତି ଓ ଅନ୍ୟ ଅତିଥି ମାନେ ଉଦ୍ଘାଟନ କରିଥଲେ ।ପ୍ରାରମ୍ଭରେ ଚନ୍ଦନ ବେଜ୍ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ଥିବା ବେଳେ ଲୋକନାଥ ଧର,ନଳିନୀ ମହାପାତ୍ର, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ପୂଜକ ମାନେ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ ।

# ଜନଶୁଣାଣି ପରେ ଜନଶୁଣାଣି ୧୭ ବର୍ଷ ଧରି ନ୍ୟାୟ ଅପେକ୍ଷାରେ ବାମଦେବ

କାକଟପୁର,୧୧।୧୨:(ମନ୍ଥନ)ପୁରୀ ଜିଲ୍ଲା କାକଟପୁର ବ୍ଲକ ର ବାସିନ୍ଦା ବାମଦେବ ବେହେରାୟ ଦୀର୍ଘ ୧୭ ବର୍ଷ ଧରି ନିଯୁକ୍ତି ଅନିୟମିତତା ବିରୁଦ୍ଧରେ ସଂଗ୍ରାମକରି ନିଯୁକ୍ତି ପାଇବା ପାଇଁ ସେ ସଂଘର୍ଷ କରୁଛନ୍ତି ।ଦିନେ ନୁହେଁ କି ଦୁଇଦିନ ନୁହେଁ, ସେ ବର୍ଷ ବର୍ଷ ବର୍ଷ ଧରି ସଂଗ୍ରାମ କରିଚାଲିଛନ୍ତି ।୨୦୦୬ ମସିହାରେ ପୁରୀ ଶିକ୍ଷା ବିଭାଗ ମାନ୍ୟବର ସୁପ୍ରିମକୋର୍ଟ ଙ୍କ ନିର୍ଦ୍ଦେଶ ଓ ବିଜ୍ଞପ୍ତି ରେ ପ୍ରକାଶିତ ସଂରକ୍ଷଣ ନିୟମ କୁ ଉଲଂଘନ କରି ଖାଲିଥିବା ଏସଟି ପଦବୀ ରେ ସାଧାରଣ ବର୍ଗର ପ୍ରାର୍ଥୀ ଙ୍କୁ ଏକ ଅଜବ ସର୍ତ୍ତ ରଖି ନିଯୁକ୍ତି ଦେଇଥିଲେ । ବାମଦେବ ଉକ୍ତ ପଦବୀ ପାଇଁ ସଂରକ୍ଷଣ ନିୟମ ଅନୁଯାୟୀ ଯୋଗ୍ୟ ହୋଇମଧ ପୁରୀ ଶିକ୍ଷା ବିଭାଗ ତାଙ୍କ ଗ୍ରୀଭାନ୍ସ କୁ ପ୍ରତ୍ୟାଖ୍ୟାନ କରିଥିଲେ। ମାନ୍ୟବର ହାଇକୋର୍ଟ ତାଙ୍କୁ ନିଯୁକ୍ତି ଦେବାପାଇଁ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ ବ୍ଲକ ୱାଇଜ୍ ନିଯୁକ୍ତି ହୋଇଥିବା କାରଣରୁ ଓ ଅଭିଯୋଗକାରୀ କାକଟପୁର ବ୍ଲକର ଆଶାୟୀ ହୋଇଥିବାରୁ ତାଙ୍କର ଅଭିଯୋଗ ବାରମ୍ବାର ପ୍ରତ୍ୟାଖ୍ୟାନ ହେଉଥିଲା । ଏଥିରେ ହାରି ନଯାଇ ମହାମହିମ ରାଷ୍ଟ୍ରପତି, ମହାମହିମ ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ମୁଖ୍ୟ ଶାସନ ସଚିବ ଙ୍କୁ ମଧ ଗୁହାରୀ ଜଣାଇଥିଲେ । ତାଙ୍କପାଇଁ ମାନ୍ୟବର ହାଇକୋର୍ଟ ଦେଇଥିବା ଆଦେଶ ନଂ ଡବ୍ଲ୍ୟୁ ପିସି ୭୭୪୬ ଅଫ ୨୦୧୨ କୁ ସୁଇଟେବୁଲ ଇମ୍ପ୍ଲିମେଣ୍ଟେସନ କରିବା ପାଇଁ ସବୁସ୍ତରରୁ ନିର୍ଦ୍ଦେଶ ଆସିଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଜନଶୁଣାଣି ମାଧ୍ୟମରେ ଏହି ବିରଳ ଅଭିଯୋଗକାରୀ ଙ୍କ ଅଭିଯୋଗ କୁ ଅତି ନିକଟରୁ ତର୍ଜମା କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ମୁଖ୍ୟ ଶାସନ ସଚିବ ଓ ମାନ୍ୟବର ଜିଲ୍ଲାପାଳ ପୁରୀ ଜନଶୁଣାଣି ମାଧ୍ୟମରେ ରିପୋର୍ଟ ମଧ୍ୟ ଡିସ୍ପୋଜ୍ ଅପ୍ କରିସାରିଛନ୍ତି ବାମଦେବ ବେହେରା ଙ୍କ ଅର୍ଡର କୁ ସୁଇଟେବୁଲ ଇମ୍ପ୍ଲିମେଣ୍ଟେସନ କରିବା ପାଇଁ। ମାନ୍ୟବର ଏସପି ପୁରୀ ମଧ୍ୟ ପ୍ରଦାନ କରାଯାଇଥିବା ରିପୋର୍ଟ କୁ ତର୍ଜମା କରି ସ୍ପଷ୍ଟ ଭାବରେ ଲେଖିଛନ୍ତି ଯେ ରିପୋର୍ଟ ଟି ସତ୍ୟ ଅଟେ। ଏତେସବୁ ପରେ ମଧ୍ୟ ନ୍ୟାୟ ପାଉ ନାହାଁନ୍ତି ଅଭିଯୋଗକାରୀ । ଜନଶୁଣାଣୀ ହେଉଛି, ସମାଧାନ ର ନିର୍ଦ୍ଦେଶ ମିଳୁଛି ଅଥଚ ନ୍ୟାୟ ମିଳୁନାହିଁ ।ଯୁଗ୍ମ ଜନଶୁଣାଣି ମାଧ୍ୟମରେ ଜିଲ୍ଲାସ୍ତରରେ ମଧ୍ୟ ଅଭିଯୋଗକାରୀ ଅଭିଯୋଗ ଦେଇଥିଲେ, ସେଥିରେ ମଧ ନ୍ୟାୟ ପାଇନାହାନ୍ତି ଅଭିଯୋଗକାରୀ । ଜଣେ ଗରିବ ଯୁବକ ନ୍ୟାୟ ପାଇଁ ୧୭ ବର୍ଷ ସଂଘର୍ଷ କରିଛନ୍ତି ବୋଲି ସ୍ୱାଗତଯୋଗ୍ୟ ଓ ଭଲ ପଦକ୍ଷେପ ବୋଲି ଗ୍ରୀଭାନ୍ସ ମାଧ୍ୟମରେ କହିଛନ୍ତି ସାଧାରଣ ପ୍ରଶାସନ ବିଭାଗ ଓଡ଼ିଶା ସରକାର । କିନ୍ତୁ କଥା କଥାରେ ରହିଯାଇଛି କାର୍ଯ୍ୟକାରୀ ହୋଇନାହିଁ । ଏହି ବିରଳ ଅଭିଯୋଗର ସମାଧାନକରି ଅଭିଯୋଗକାରୀ ବାମଦେବ ବେହେରା ଙ୍କୁ ନିଯୁକ୍ତି ପ୍ରଦାନ କରିବାସହିତ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନେକ ବୁଦ୍ଧିଜୀବୀମାନେ ଦାବି ଜଣାଇଛନ୍ତି ।

# ତୃତୀୟ ଦିବସରେ କୁଚବେହାର ଟ୍ରଫି କ୍ରିକେଟ ଓଡିଶା ବନାମ କର୍ଣ୍ଣାଟକ

ବଲାଙ୍ଗିର, ୧୧।୧୨:(ମନ୍ଥନ) ଓଡିଶା କ୍ରିକେଟ ଏସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମ ଠାରେ ଓଡିଶା ବନାମ କର୍ଣ୍ଣାଟକ ୪ ଦିବସୀୟ କୁଚ ବେହାର ଟ୍ରଫି କ୍ରିକେଟର ତୃତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଗତ କାଲିର ଅସାମପ୍ତ ସ୍କୋର ୩ ୱିକେଟ ବିନିମୟରେ ୪୧୨ ରନ୍ ରୁ ଆରମ୍ଭ କରି କର୍ଣ୍ଣାଟକ ଦଳ ସମୁଦାୟ ୪୬୯ ରନ୍ ୮ ୱିକେଟ ବିନିମୟରେ ସଂଗ୍ରହ କରି ତାର ପ୍ରଥମ ଇନିଂସ୍ ସମାପ୍ତି ଘୋଷଣା କରିଥିଲା । ଓଡିଶା ଦଳ ତରଫରୁ ପ୍ରୀୟାଂଶୁ ମହାନ୍ତି ୪ ଗୋଟି ଓ ସୟେଦ ଟଫେଲ ଅହମଦ ୩ ଗୋଟି ୱିକେଟ ଅକ୍ତିଆର କରିଥିଲେ । ୨୯୯ ରନ୍ ର ପଛରେ ଥିବା ଓଡିଶା ଦଳ ୨ୟ ଇନିଂସ ରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୭ ୱିକେଟ ହରାଇ ୨୧୧ ରନ୍ ସଂଗ୍ରହ କରିଛି । କର୍ଣ୍ଣାଟକ ଦଳ ତରଫରୁ ସଫଳ ବୋଲର ଭାବରେ ରଥମ ବି.ଆର୍ ସର୍ବାଧିକ ୪ ଗୋଟି ୱିକେଟ ନେଇଥିଲେ । ଆସନ୍ତା କାଲି ୪ର୍ଥ ତଥା ଅନ୍ତିମ ଦିବସ ର ଖେଳ ସକାଳ ଘ.୯ ରୁ ଆରମ୍ଭ ହେବ ବୋଲି ସଂଘ ସୁତ୍ରରୁ ପ୍ରକାଶ । ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତୃଘନ ସିଂହ, କୋଷାଧ୍ୟକ୍ଷ ହେମନ୍ତ ବେହେରା, କ୍ରୀଡା ସଂପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ, ଓଡିଶା ଟିମ୍ ମ୍ୟାନେଜର ପୃଥ୍ୱୀରାଜ ମିଶ୍ର, ଅରୁଣ କୁମାର ନାୟକ, ଭଲିବଲ ସଂପାଦକ ସଂଗ୍ରାମ ବହିଦାର, ସ୍ୱାଗତ ଶୁଭଙ୍କର ତ୍ରିପାଠି, ମୁନସି ରୋରେନ, ଅମିତ ମଛଖଣ୍ଡ, ହୃଦୟ ଶବର, ସୁମନ୍ତ ଦାସ, ଜିତୁ କୁମାର ଦଲାଇ, ନରସିଂ ସ୍ୱାମୀ ନାଇଡୁ, ଚେତନାନନ୍ଦ ପଣ୍ଡା, ସୁଦୟ ବାରିକ, ଶ୍ରୀକାନ୍ତ ରାଉତ, ସୁଧାଂଶୁ ସେଠ, ଦଶରଥ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ଜିଲ୍ଲାସ୍ତରୀୟ ସାଇବର ସତର୍କତା କର୍ମଶାଳା

ନୟାଗଡ଼,୧୧।୧୨:(ମନ୍ଥନ)ଆଜି ନୟାଗଡ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ତରଫରୁ ଜିଲ୍ଲାପାଳ ଙ୍କ ସଦଭାବନା ସଭା ଗୃହରେ ଅନଲାଇନ ସୁରକ୍ଷା ଓ ସାଇବର ବୁଲିଙ୍ଗ ଉପରେ ଦିନିକିଆ। କର୍ମଶାଳା ,(ବେଟି ବଚାଓ ବେଟି ପଢ଼ାଓ )କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଅଛି । ଉପ- ଜିଲ୍ଲାପାଳ



କର୍ଣ୍ଣଦେବ ସମାଦର ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦାନ କରିଥିବାବେଳେ, ସମ୍ମାନିତ ଅତିଥି ଭାବେ ଶରତ ଚନ୍ଦ୍ର ସାହୁ ଏଡିଇଓ ନୟାଗଡ଼ - ଗିତାଞ୍ଜଳି ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ - ଜ୍ୟୋତ୍ସ୍ନା ମୟୀ ଆଚାର୍ଯ୍ୟ , ଆଇଆଇସି ଶରଣକୁଳ - ପରମାନନ୍ଦ ଦଳେଇ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ - ସର୍ବେଶ୍ୱର ପାଣିଗ୍ରାହୀ, ପ୍ରମୁଖ ଯୋଗ ଦେଇଥିଲଏଥିସହିତ ପିଓ ସଂଯୁକ୍ତା ପାଣିଗ୍ରାହୀ ଏବଂ ମହିଳା ସଶକ୍ତିକରଣ ର ଜିଲ୍ଲା ସଂଯୋଜକ ସୌମ୍ୟ ରଞ୍ଜନ ଦାଶ ଉପସ୍ଥିତ ରହିଥିଲେ । ମଞ୍ଚ ପରିଚାଳନା କରିବା ସହ ବେଟି ବଚାଓ, ବେଟି ପାଓ ର ମୂଳ ଲକ୍ଷ୍ୟ, ଅଧିକାର, ସମାନତା, ସାମାଜିକ ସୁରକ୍ଷା ଉପରେ ସବିଶେଷ ତଥ୍ୟ ସଂଯୋଜକ ସୋମ୍ୟରଞ୍ଜନ ଦାଶ ପ୍ରଦାନ କରିଥିଲେଯସାଇବର ବୁଲିଙ୍ଗ ମାନେ କଣ ? ଝିଅ ମାନଙ୍କ ପାଇଁ ଅନଲାଇନ କେତେ ସୁରକ୍ଷିତ, ସୁରକ୍ଷିତ ଅନଲାଇନ ବ୍ୟବହାର, ଡିଭାଇସ ସୁରକ୍ଷା, ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା, ମାନସିକ ସ୍ୱାସ୍ଥ୍ୟ, ବିବିବିପି ର ମୁଖ୍ୟ ବାରଏବଂ ସଶକ୍ତ - ସୁରକ୍ଷିତ - ସଚେତନତା ଉପରେ ଆଲୋକପାତ କରାଯାଇଥିଲା ଏବଂ ଶେଷରେ ସରକାର ଙ୍କ ତରଫରୁ ଆସିଥିବା ଏକ ହଜାର - ଟଙ୍କା ଲେଖା ଚାରି ଜଣ କିଶୋରୀ ବାଳକ ବାଳିକା ଙ୍କୁ ମୋଟ ଚାରି ହଜାର ଟଙ୍କା - ପୁରସ୍କୃତ କରାଯାଇଥିଲା ।ଏବଂ ଶେଷରେ ଡିଏସଡବ୍ଲ୍ୟୁଓ ପୁଷ୍ପଲତା ପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଫାଲଗୁନ ମାସରେ ହେବ ୧୦୦୮ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

ଡୁଙ୍ଗୁରିପାଲି,୧୧।୧୨:(ମନ୍ଥନ) ସୁବର୍ଣ୍ଣପୁର ଆସନ୍ତା ଫାଲ୍ଗୁନ କୃଷ୍ଣପକ୍ଷ ଦ୍ୱିତୀୟା ଠାରୁ ଦଶମୀ ତା- ୨/୨/୨୦୨୬ ଠାରୁ ୧୦/୨/୨୦୨୬ ପର୍ଯ୍ୟନ୍ତ, ଦିଗଶିରା ସ୍ଥିତ ଡାହୁକବୁଡ଼-ତମାମୁରା ର ସଙ୍ଗମ ସ୍ଥଳ ରେ ଅବସ୍ଥିତ ଶ୍ରୀ ବୃନ୍ଦରାମ ସିଦ୍ଧାଶ୍ରମ ଆନୁକୂଲ୍ୟରେ ଚିତ୍ରକୋଟ ର ସମ୍ମାନୀୟ ସାଧୁ ମହାରାଜ ଶ୍ରୀ ତ୍ରିବେଣୀ ମହାରାଜ ଙ୍କ ପ୍ରଚେଷ୍ଟା ରେ ୧୦୦୮ କୁଣ୍ଡିୟ ଶ୍ରୀ ଶ୍ରୀ ଶ୍ରୀରାମ ବିଶ୍ୱଶାନ୍ତି ମହାଯଜ୍ଞ ଆଞ୍ଚଳିକ ଆୟୋଜକ କର୍ମକର୍ତ୍ତା ଙ୍କ ପ୍ରୟାସରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଉପଲକ୍ଷେ, ଆଜି ପବିତ୍ର ପୌଷ ମାସ ତୃତୀୟା ତିଥି ରେ ପୁରାଣ ପ୍ରସିଦ୍ଧ ଚିତ୍ରକୋଟ ସ୍ଥିତ ତାଟିଘାଟ ଆଶ୍ରମ ର ସମ୍ମାନୀୟ ସାଧୁ ମହାରାଜ ଶ୍ରୀ ଶ୍ରୀ ଶ୍ରୀ ତ୍ରିବେଣୀ ମହାରାଜଜୀଙ୍କ ପଦ ଧୌତ କରି ଆବାହନ କରାଯାଇଛି । ମହାରାଜ ଙ୍କୁ ଆବାହନ କରିବା ପାଇଁ କାର୍ଯ୍ୟକାରୀ କମିଟି ର କର୍ମକର୍ତ୍ତା ଶ୍ରୀ କୀର୍ତ୍ତନ ସେଠି, ଶ୍ରୀ ପୟଧର ସାହୁ, ଶ୍ରୀ ଗୋପାଳ ଚନ୍ଦ୍ର ସେଠି, ଶ୍ରୀ ରାଜିନ ବାଗ ଓ ଶ୍ରୀ ରୋହିତ ସେଠି ଯାଇଥିଲେ ।

# ଇଫୁନା ଓ ଉଫୁନା ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ -୨୦୨୫ ପାଳିତ

ଢେଙ୍କାନାଳ,୧୧।୧୨:(ମନ୍ଥନ) ଢେଙ୍କାନାଳ ସହରସ୍ଥ ହୋଟେଲ୍ ଦେବକନ୍ୟା କନ୍ଫରେନ୍ସ ହଲ୍ ରେ ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ ସ୍ ଆସୋସିଏସନ୍ (ଇଫୁନା) ଓ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ (ଉଫୁନା) ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ -୨୦୨୫ ପାଳିତ ହୋଇଯାଇଛି ।ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ ର ଭାଇସ୍ ଚେୟାରମ୍ୟାନ୍ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଥିଲେ। ଏହି ସଭାରେ ଇଫୁନାର ଜାତୀୟ ଉପ-ସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଡ୍ ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା କହିଲେ ଯେ ୨୦୨୫ ମସିହା ସମସ୍ତଙ୍କର ସର୍ବାଙ୍ଗୀନ ବିକାଶର ବର୍ଷ ହେଉ ଓ ଜାତିସଂଘର ମାନବିକ ଅଧିକାରର ସଚେତନତା ହିଁ ସୁରକ୍ଷା ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ।ଅନ୍ୟତମ ବିଶିଷ୍ଟ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ,ଅନ୍ୟତମ ବିଶିଷ୍ଟ ଅତିଥି ଭାବରେ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ କାର୍ଯ୍ୟରତ ମାନବିକ ଅଧିକାର ପରିଷଦ ତଥା ଓଡ଼ିଶା ହାଇକୋର୍ଟ ଆଡ୍ ଭୋକେଟ୍,ପୂର୍ବତନ ଜିଲ୍ଲା ଜଜ୍ ଭିକାରୀ ଚରଣ ରାଉତ, ସମାଜ ସେବୀ ସରୋଜ ଶତପଥି,ଉଫୁନାର ମହାସଚିବ ଦିପାୟନ ପଟ୍ଟନାୟକ କହିଥିଲେ ମୁଁ ଯଦି ମୋ ପଡୋଶୀଙ୍କୁ ତାଙ୍କର ମାନବିକ ଅଧିକାର ଦେଇ ନପାରିବି ତେବେ ମୋର ମୋ ପାଇଁ ଅଧିକାର ମାଗିବାର ଯୋଗ୍ୟତା ନାହିଁ । ଦୈନନ୍ଦିନ ଜୀବନରେ ମାନବିକ ଅଧିକାରର ବ୍ୟବହାର,ପ୍ରୟୋଗ ଓ ସୁରକ୍ଷାର ଆବଶ୍ୟକତା ଅଛି । ଅଧିକାର ଓ କର୍ତବ୍ୟ ପରସ୍ପର ପରିପୂରକ । ଅନ୍ୟତମ ମୁଖ୍ୟବକ୍ତା ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ଶଶୀ ଭୂଷଣ ବେହେରା ଯୋଗଦାନ କରି ଏକ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ପ୍ରଗତିଶୀଳ ବିଶ୍ୱ ଗଠନ ପାଇଁ ଜାତିସଙ୍ଘର ମାନବିକ ଅଧିକାର ନିୟମ ପାଳନ ହିଁ ଏକାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ। ମିଳିତ ଜାତିସଂଘର ମୂଳ ଲକ୍ଷ୍ୟ ହେଉଛି ବିଶ୍ୱରେ ମାନବିକ ଅଧିକାରର ସୁରକ୍ଷା କରି ଶାନ୍ତି ଓ ସଂହତିର ପ୍ରତିଷ୍ଠା ବୋଲି ସମସ୍ତ ବକ୍ତା ମତଦେଇଥିଲେ ।ଏହି ଅବସରରେ ଶିକ୍ଷାବିତ୍ ତାରା ପ୍ରସନ୍ନ ଶତପଥିଙ୍କୁ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଉତ୍ସର୍ଗୀକୃତ ସେବା ପାଇଁ ମଂଚାସୀନ ଅତିଥିବୃନ୍ଦଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଉଫୁନାର ସମ୍ପାଦକ କବି ବାହାଦୂର ପାଟ୍ଟସାହାଣୀ ସ୍ୱାଗତ ଭାଷଣ,ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ।ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର,ସମାଜସେବୀ ସରୋଜ ଶତପଥୀ,ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ ପ୍ରମୁଖ ନିଜ ନିଜର ବକ୍ତବ୍ୟରେ ମାନବିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିବାରେ ମିଳିତ ଜାତିସଂଘର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ ।ସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ କହିଲେ ଯେ ବିଶ୍ୱ ମାନବିକ ଅଧିକାର ଦିବସ ସାରା ବିଶ୍ୱରେ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ପାଳିତ ହୁଏ। ମିଳିତ ଜାତିସଂଘ ସଂସ୍ଥାନର ଉଦ୍ଦେଶ୍ୟ ତଥା ଉପଲବ୍ଧିସବୁ ବିଷୟରେ ସର୍ବସାଧାରଣଙ୍କ ମଧ୍ୟରେ ପରିଚିତ କରାଇବା ଏହାର ଲକ୍ଷ୍ୟ । ଏହି ଉପଲକ୍ଷେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବାହାଦୂର ପାଟ୍ଟସାହାଣୀ, ଡ଼ା.ଦେବୀ ପ୍ରସାଦ ମିଶ୍ର, ଡ.ମାନସୀ କର, ଡ.ଅନୁପମା ମିଶ୍ର,ନନ୍ଦୀ କେଶରୀ ନାଥ,ଲୋକନାଥ ମହାପାତ୍ର, ଲିଙ୍କୁ ପତି, ପୁଷ୍ପାଞ୍ଜଳି ଜେନା ପ୍ରମୁଖ କବିବୃନ୍ଦ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ପ୍ରେମାନନ୍ଦ ଶତପଥୀ, ଡ.ପ୍ରମୋଦ କୁମାର ନାୟକ,ଇଂ ଅବିନାଶ ଦାସତରୁଣ କୁମାର ବିଶ୍ୱାଳ, ପ୍ରାକୃତିକ ଚିକିତ୍ସା ବିଶାରଦ ପୀତବାସ ସାହୁ, ବିପିନ ବିହାରୀ ବେହେରା,ଦେବ ପ୍ରସାଦ ମିଶ୍ର, ଯୁଧିଷ୍ଠିର ସାହୁ, ଇଂ ଲଳିତ ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜାଗା ବାଡିକୁ କେନ୍ଦ୍ର କରି ରାତି ଅଧରେ ଅସହାୟ ମହିଳାଙ୍କ ଘର ଭାଙ୍ଗିଦେଲେ ସମ୍ପର୍କୀୟ

ବଡ଼ଚଣା, ୧୧।୧୨:(ମନ୍ଥନ)ରାତି ଅଧରେ ଅସହାୟ ମହିଳାଙ୍କ ଘର ଭାଙ୍ଗି ଦେଲେ ସମ୍ପର୍କୀୟ ପୁତୁରା ଓ ତାଙ୍କ ପରିବାର ଲୋକେ । ଭୟଭୀତ ହୋଇ ବୈରୀ ଥାନାରେ କଲେ ଲିଖିତ ଅଭିଯୋଗ । ଏ ଭଳି ଘଟଣା ଦେଖିବାକୁ ମିଳିଛି ବୈରୀ ଥାନା ଅଧିନ ଚମ୍ପା ପୁର ଗୋପୀନାଥ ଗ୍ରାମ ରେ, ଗ୍ରାମର ନିର୍ମଳା ଗୋଚ୍ଛାୟତ ,ବୟସ ୫୨ , ଦୀର୍ଘ ୪୫ ବର୍ଷ ତଳେ ତାଙ୍କ ନିଜ ପିଯୁଶି ପୋଇଲି ବେଉ୍ୱା ଙ୍କ କୌଣସି ପିଲା ପିଲି ନଥିବା ବେଳେ, ଝିଅାରୀ ନିର୍ମଳା ଙ୍କୁ ଝିଅ କରି ଆଣିଥିଲେ, ପରବର୍ତ୍ତୀ ସମୟରେ ପିଯୁସୀ ପୋଇଲୀ ମରିଯିବା ପରେ ଏକ ମାତ୍ର ଉତ୍ତରାଧିକାରୀ ଭାବେ ଝିଅ ନିର୍ମଳା ରହି ଆସୁଛନ୍ତି । କିଛି ଦିନ ହେବ ମହିଳାଙ୍କ ଅସହାୟତା ର ସୁଯୋଗ ନେଇ ଘର ଜାଗାରୁ ତଡ଼ି ଦେବା ପାଇଁ ମାରଧର କରିବା ସହିତ ରାତି ଅଧିଆ । ଘର ଭାଙ୍ଗି ଦେଇ ଥିବା ବୈରୀ ଥାନା ରେ ଲିଖିତ ଅଭିଯୋଗ ଆଣିଛନ୍ତି ଅସହାୟ ନିର୍ମଳା । ନିର୍ମଳା ଙ୍କୁ ତଡ଼ି ଦେବା ପାଇଁ ସମ୍ପର୍କୀୟ ପୁତୁରା ମାନେ ବିଭିନ୍ନ ସମୟରେ ଧମକ ଚମକ୍ ଦେଇ ଆସୁ ଥିଲେ । ଦୀର୍ଘ ଦିନ ଧରି ଜମି ବାଡି ଉଭୟ ଙ୍କ ଭିତରେ କୋର୍ଟ ରେ କେଶ୍ ଚାଲୁ ଥିବା ବେଳେ, ଗତ କାଲି ରାତିରେ ଅଧରେ ଗୋପୀନାଥ ଗୋଚ୍ଛାୟତ ଓ ପୁଅ ଗୌତମ୍ ଗୋଚ୍ଛାୟତ ସହିତ ପରିବାରର ଅନ୍ୟ ସଦସ୍ୟ ମାନେ ନିର୍ମଳା ଙ୍କୁ ତାଙ୍କ ଘରେ ଶୋଇ ଥିବା ବେଳେ ମାଡ଼ ମାରିବା ସହିତ ଘର ଭାଙ୍ଗି ଥିଲେ, ଆମେ ବିଧାୟକ ଙ୍କ ଲୋକ ଆମ ର କିଏ କଣ କରିବ ବୋଲି ବଡ ପାଟିରେ ଗାଳି ଗୁଲଜ କରନିର୍ମଳା ଙ୍କ ଘର ଭାଙ୍ଗି ଥିଲେ । ପୂର୍ବରୁ ନିର୍ମଳା ଜଣେ ସ୍ୱାମୀ ପରିତ୍ୟକ୍ତ ଅସହାୟ ମହିଳା ହୋଇ ଥିବା ବେଳେ ,ଏମାଙ୍କ ଏଭଳି କାଣ୍ଡ ରେ ନିରୁପାୟ ହୋଇ ଭୟ ଭିତ ହୋଇ ପଡ଼ିଥିଲେ, ପୂର୍ବରୁ ମଧ ବାରମ୍ବାର ଜାଗା ପାଇଁ ସେମାନେ ମାରଧର କରି ଆସୁ ଥିଲେ । ଆଜି ବୈରୀ ଥାନାରେ ମହିଳାଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହେବା ପରେ ନ୍ୟାୟ ଲାଗି ଦାବି କରିଛନ୍ତି ।

# ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ପକ୍ଷରୁ ‘ଆନ୍ତର୍ଜାତିକ ପର୍ବତ ଦିବସ’ ପାଳିତ

ଢେଙ୍କାନାଳ,୧୧।୧୨:(ମନ୍ଥନ) ଢେଙ୍କାନାଳ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ଆନ୍ତର୍ଜାତିକ ପର୍ବତ ଦିବସ ସ୍ଥାନୀୟ ବୋରାପଦା ନିକଟସ୍ଥ ପର୍ବତ ପାଦଦେଶରେ ପାଳିତ ହୋଇଅଛି । ସଂଗଠନର ସଦସ୍ୟମାନେ ପର୍ବତ ପାଦଦେଶରେ ପର୍ବତକୁ ଧୂପ, ଦୀପ ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ । ୨୦୦୨ ମସିହାକୁ ମିଳିତ ଜାତିସଂଘର ସାଧାରଣ ପରିଷଦ ‘ଆନ୍ତର୍ଜାତିକ ପର୍ବତ ବର୍ଷ’ ଭାବରେ ଘୋଷଣା କରିଥିଲା । ସେହି ସଭାରେ ପ୍ରତ୍ୟେକ ବର୍ଷ ଡିସେମ୍ବର ୧୧ ତାରିଖ ଦିନ ‘ଆନ୍ତର୍ଜାତିକ ପର୍ବତ ଦିବସ’ ପାଳନ କରାଯିବାର ନିଷ୍ପତି ନିଆଯାଇଅଛି, ଯାହାକି ୨୦୦୩ରୁ ପାଳନ ହୋଇଆସୁଛି । ପର୍ବତ ସମୂହ ପ୍ରକୃତିର ଅନବଦ୍ୟ ସୃଷ୍ଟି ଯାହାର ଉପସ୍ଥିତି ପୃଥିବୀ ପୃଷ୍ଠରେ ବାସ କରୁଥିବା ଜୀବ ଜଗତର ତିଷ୍ଠି ରହିବା ନିମନ୍ତେ ଅନେକ ଆବଶ୍ୟକତା ପୂରଣ କରୁଅଛି । ପର୍ବତମାନଙ୍କର ଉପସ୍ଥିତି ଯୋଗୁଁ ମେଘମାଳାରୁ ବର୍ଷା ହେବା ସମ୍ଭବ ହୋଇପାରୁଛି । ବର୍ଷିତ ଜଳ ଝରଣା, ନଦ ନଦୀ ହୋଇ ଜଳ ପ୍ରବାହ ସୃଷ୍ଟି କରିଛି ଓ ତାହାରି କୂଳ ଏବଂ ଅବବାହିକାରେ ମାନବ ସଭ୍ୟତା ଗଢି ଉଠିଛି । ପର୍ବତ ଶୃଙ୍ଗରେ ଗଚ୍ଛିତ ବରଫ ତରଳି ନଦୀକୁ ସୁନାବ୍ୟା କରିଛି । ପର୍ବତରୁ କ୍ଷୟ ହେଉଥିବା ମୃତିକା ଉର୍ବର ପଟୁ ମାଟି ସୃଷ୍ଟି କରିଛି । ଭୂପୃଷ୍ଠରେ ଥିବା ଜଙ୍ଗଲର ଶତକଡା ୪୦ଭାଗ ପର୍ବତମାନେ ଧାରଣ କରିଛନ୍ତି ଓ ପୃଥିବୀର ଜଳବାୟୁର ସନ୍ତୁଳନ ରକ୍ଷାକରିବା ନିମନ୍ତେ ପର୍ବତମାନଙ୍କର ଅବଦାନ ଅନେକ । ଏହି ସବୁ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ପର୍ବତ ଗୁଡିକର ସୂରକ୍ଷା ନିମନ୍ତେ ଯତ୍ନବାନ ହେବା ଆଜିର ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ବୋଲି ସଂଗଠନର ସଭାପତି ଡାକ୍ତର ତୁଷାର କାନ୍ତି ନାୟକ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବନପାଳ ସମସ୍ତ ପର୍ବତର ମ୍ୟାପିଂ କରି ଯେପରି ତାହାର ପାଦଦେଶକୁ କାଟି ବାସଗୃହ ନିର୍ମାଣ କରା ନ ଯିବ ସେଥିପାଇଁ କର୍ମଚାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେବାପାଇଁ ଦାବି କରିଛନ୍ତି । ପର୍ବତ ମାନଙ୍କରେ ଥିବା ଜଙ୍ଗଲର ସୁରକ୍ଷା ସହିତ ମିଶ୍ରିତ ଜଙ୍ଗଲ ସୃଷ୍ଟି କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ୨୦୨୫ବର୍ଷ ନିମନ୍ତେ ବିଷୟବସ୍ତୁ ହେଉଛି ‘ପର୍ବତ ଉପରିସ୍ଥ ହିମବାହ ବା ଗ୍ଲାସିଅର୍‌ର ଗୁରୁତ୍ୱ ଯାହାକି ମଧୁର ଜଳର ମୂଲ୍ୟବାନ ଉତ୍ସ, ଯାହା ପାନୀୟ ଜଳ, କୃଷି ନିମନ୍ତେ ଜଳସେଚନ, ଖାଦ୍ୟ ସୁରକ୍ଷା, ଜଳ ବିଦ୍ୟୁତ ଉତ୍ପାଦନ ଏବଂ ଜୀବିକା ପାଇଁ ଅତ୍ୟାବଶ୍ୟକ । ଜାତିସଂଘ ୨୦୨୫ କୁ ଆନ୍ତର୍ଜାତୀୟ ହିମବାହ ସଂରକ୍ଷଣ ବର୍ଷ ଭାବରେ ଘୋଷଣା କରାଯାଇଛି । ଆଜିର କାର୍ଯ୍ୟକ୍ରମରେ ସଂଗଠନର ଉପସଭାପତି ଶ୍ରୀ ରୁଦ୍ର ପ୍ରକାଶ ଶରଣ ଓ ଇଂ.ସରୋଜ ସତପଥି, ସଦସ୍ୟ ଶ୍ରୀମତୀ ଗୀତା ସାମଲ, ଅଜେନ୍ଦ୍ର ସାମଲ, ଉଫୁନାର ରାଷ୍ଟ୍ରୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକ, ରାଜ୍ୟ ଉପସଭାପତି କବି ବାହାଦୁର ପାଟ୍ଟସାଣୀ, ଆଡଭୋକେଟ୍ ଦ୍ୟୁତିକୃଷ୍ଣ ବରାଳ, ସାଇ ମନ୍ଦିରର ସାଧାରଣ ସଂପାଦକ ରଞ୍ଜନ କୁମାର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଶୁକ୍ରବାର ୧୨ ଡିସେମ୍ବର, ୨୦୨୫ ଭୁବନେଶ୍ୱର
FRIDAY 12 DECEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଅଭିବୃଦ୍ଧି ଉତ୍ସାହଜନକ

ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଏହା ଆମ ପାଇଁ ଏକ ଗୌରବର ବିଷୟ । ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ କ୍ୱାର୍ଟରରେ ଭାରତର ଅଭିବୃଦ୍ଧି ହାର ବା ଜିଡିପି ୮.୨ ପ୍ରତିଶତ ରହିଛି ଯାହା ବିଗତ ୬ଟି କ୍ୱାର୍ଟରରେ ସର୍ବାଧିକ । ଏହା ପୂର୍ବରୁ ପ୍ରଥମ କ୍ୱାର୍ଟରରେ ଜିଡିପି ୭.୮ ପ୍ରତିଶତ ଥିଲା । ଏବେ ଆଶା କରାଯାଉଛି ଯେ, ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୭ ପ୍ରତିଶତ ଟପିଯାଇପାରେ । ଜିଏସଟି ଏବଂ ଅନ୍ୟାନ୍ୟ ସଂସ୍କାରମୂଳକ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇଛି । ଚଳିତ ବର୍ଷ ଖରିଫ ଫସଲ ଉତ୍ପାଦନ ରେକର୍ଡ କରିବ ବୋଲି ଆଶା କରାଯାଉଛି । ତେଣୁ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟରରେ ମଧ୍ୟ ଜିଡିପି ଆଶାଠାରୁ ଅଧିକ ରହିବ ବୋଲି ଆଶା । ଏହା ସହିତ ଭାରତ ବିଶ୍ୱର ପ୍ରମୁଖ ଅର୍ଥନୈତିକ ଶକ୍ତିଙ୍କ ମଧ୍ୟରେ ଦ୍ରୁତତମ ଅର୍ଥନୀତିର ମାନ୍ୟତା ବଜାୟ ରଖିଛି । ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୬.୫ରୁ ୭ ପ୍ରତିଶତ ମଧ୍ୟରେ ରହିପାରେ । ଏହା ଏକ ଉପରଠାଉରିଆ ଆକଳନ ନୁହେଁ । ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି । ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ । ଆରବିଆଇ ଆକଳନ ଅନୁଯାୟୀ ପୁରା ଆର୍ଥିକ ବର୍ଷରେ ଜିଡିପି ୭% ରହିବ । ଏହା ୬.୫ ପ୍ରତିଶତକୁ ହ୍ରାସ ପାଇଲେ ମଧ୍ୟ କିଛି ଖରାପ ନୁହେଁ । ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ । କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି । ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି । ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି । ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ । ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି । ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି । ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛନ୍ତି । ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି । ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ । ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ । ଦିନ ଆସିବ ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ । ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି । ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ । କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ରଷିଆ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି । ଭାରତ ମଧ୍ୟ ଏଥିରେ ଅନେକାଂଶରେ ପ୍ରଭାବିତ ହୋଇଛି । କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁ ବନ୍ଦ ହୋଇଗଲା । କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ । ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ୍ୟ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି । ୧୪୦ କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ । ଅନେକ ବିକଶିତ ଦେଶ ଯାହା କରିପାରିନାହାଁନ୍ତି ତାହାକୁ ଭାରତ କରି ଦେଖାଇଛି । କରୋନ ସମୟରେ ଦୁଇ ବର୍ଷ କାଳ ଗରିବ ଲୋକଙ୍କୁ ମାଗଣାରେ ରାସନ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦି ଅନେକ ଲୋକଙ୍କ ଜୀବନ ରକ୍ଷା କରିଛନ୍ତି । ବିଦେଶରେ ରହୁଥିବା ଲୋକଙ୍କୁ ମାଗଣାରେ ବିମାନ ବା ଜାହାଜ ଯୋଗେ ସ୍ୱଦେଶ ଫେରାଇ ଆଣିଛନ୍ତି । ଶ୍ରମିକ ଓ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦେଶ ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ବା ଘରକୁ ଟ୍ରେନରେ ଫେରିବାକୁ ବ୍ୟବସ୍ଥା କରିଥିଲେ । କରୋନା କଟକଣା ହଟିବା ପରେ ଦେଶର ଆର୍ଥିକ ସ୍ଥିତି ସ୍ୱାଭାବିକ ହେଉଛି । ଏହା ସହିତ ଅର୍ଥନୈତିକ ବିକାଶ ବା ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହୋଇଛି । ଅନ୍ୟ ବିକଶିତ ଦେଶମାନେ ଯାହା କରିପାରିନାହାଁନ୍ତି ତାହା ଆଜି ଭାରତ କରିପାରିଛି । କେବଳ ନିଜ ଦେଶର ନାଗରିକ ନୁହେଁ, ଅନେକ ବିଦେଶୀ ରାଷ୍ଟ୍ରକୁ ଭାରତ ମାଗଣାରେ ଟିକା ଏବଂ ଔଷଧ ବଣ୍ଟନ କରି ପ୍ରଶଂସିତ ହୋଇଛି । କରୋନା ପରେ ପରେ ୟୁକ୍ରେନ-ରଷିଆ ଯୁଦ୍ଧ ପ୍ରଭାବରୁ ଅନେକ ଦେଶର ଆର୍ଥିକ ସ୍ଥିତି ତଳିତଳାନ୍ତ ହୋଇଯାଇଛି । ଏକଥା ସତ୍ୟ ଯେ, ଭାରତର ମୁଣ୍ଡପିଛା ଜିଡିପି ଚୀନ, ବ୍ରିଟେନ ତୁଳନାରେ ଯଥେଷ୍ଟ କମ ରହିଛି । ଭାରତ ତୁଳନାରେ ଚୀନର ମୁଣ୍ଡ ପିଛା ଆୟ ୬ଗୁଣ ଅଧିକ ରହିଛି । ଭାରତର ଜନସଂଖ୍ୟା ଅଧିକ ହୋଇଥିବାରୁ ମୁଣ୍ଡପିଛା ଆୟ ବା ଜିଡିପି କମ ରହୁଛି । ଯଦି ଭାରତର ଜନସଂଖ୍ୟା ଆମେରିକା ସହ ସମାନ ହୋଇଥାନ୍ତା ତେବେ ଭାରତ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରଭାବେ ଆଜି ପରିଗଣିତ ହେଉଥାନ୍ତା । ୧୪୦ କୋଟି ଜନସଂଖ୍ୟା ସତ୍ତ୍ୱେ ଭାରତ କୃଷି ଓ ଶିଳ୍ପ ଉତ୍ପାଦନରେ ଅନେକାଂଶରେ ଆତ୍ମନିର୍ଭରଶୀଳ ହୋଇ ବିଦେଶକୁ ରପ୍ତାନୀ କରିପାରୁଛି । ଏବେ ଦେଶର ଆର୍ଥିକ ପ୍ରଗତି ନିମନ୍ତେ ପ୍ରାଥମିକ ଆବଶ୍ୟକତା ହେଲା ଜନସଂଖ୍ୟା ନିୟନ୍ତ୍ରଣ ।

# ପିଲାଙ୍କ ଶିକ୍ଷା ଓ ବିକଶିତ ବୁଦ୍ଧିମତ୍ତା

**ଡକ୍ଟର ସୁରେଶ କୁମାର ନାୟକ**

ଦିନକୁ ଦିନ ପିଲାମାନଙ୍କ ପାଇଁ ପାଠପଢ଼ା ସହ ବ୍ୟବହାରିକ ଜ୍ଞାନରେ ଦକ୍ଷତା ରଖିବା ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟରେ ପାଠର ଆହ୍ୱାନକୁ ଯଥାର୍ଥରେ ମୁକାବିଲା କରିବାରେ ବୁଦ୍ଧିମତ୍ତାର ପ୍ରମୁଖ ଭୂମିକା ରହିଛି । ସାଙ୍ଗମାନଙ୍କ ସହିତ ବାହାରେ ଖେଳିଲେ ପିଲାମାନେ ମାନସିକ ସ୍ତରରେ ଅନେକାଂଶ ସୁସ୍ଥ ରହିଥାନ୍ତି । ଏହାଦ୍ୱାରା ସେମାନଙ୍କର ମନ ହାଲକା ରହିବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ । ସେମାନେ ଖେଳିବା ସମୟରେ ପରସ୍ପର ସହ ଥଟ୍ଟାମଜା କରନ୍ତି । ଏହାଦ୍ୱାରା ମଧ୍ୟ ତାଙ୍କର ମାନସିକ ସ୍ଥିତି ବ୍ୟତୀତ ବୁଦ୍ଧିମତାର ବିକାଶ ଘଟିଥାଏ । ତେଣୁ ପାଠପଢ଼ା ବ୍ୟତୀତ ସେମାନେ କିଛି ସମୟ ଖେଳକୁଦରେ କଟାଇବା ଆବଶ୍ୟକ । ପିଲାଙ୍କ ବୁଦ୍ଧିମତ୍ତା ବଢ଼ାଇବାରେ ଖେଳ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କାରଣ ଏହା ହେଉଛି ମନୋରଞ୍ଜନର ଅନ୍ୟତମ ମାଧ୍ୟମ । ଏହାଦ୍ୱାରା ତାଙ୍କର ଭାବିବା ଏବଂ ବୁଝିବା ଶକ୍ତିରେ ବୃଦ୍ଧି ଘଟିଥାଏ । ଫଳରେ ତାଙ୍କ ଧୈର୍ଯ୍ୟ, ସହଯୋଗର ଭାବନା ଏବଂ ଅନ୍ୟ ସହିତ ତାଳମେଳ ରଖିବାର କଳା ବି ମଜଭୁତ ହୋଇଥାଏ । ଏଠାରେ କେତୋଟି ବିଷୟରେ ସୂଚନା ଦିଆଯାଉଛି, ଯାହା ପିଲାର ବୁଦ୍ଧିମତ୍ତା ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିବ ।

ବେଳେବେଳେ ଲୋକେ ଭାବିଥାନ୍ତି ଖେଳିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରୁହେ, କିନ୍ତୁ ଏମିତି କିଛି ଇନଡୋର ଗେମ୍ସ ରହିଛି ଯାହା ସେମାନଙ୍କର ଭାବନାକୁ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ କ୍ୟାରମ, ଲୁଡୁ, ଚେସ । ଏହି ପ୍ରକ୍ରିୟାରେ ପିଲା ଅନ୍ୟର ଭାବନାକୁ ବୁଝିବା, ଧୈର୍ଯ୍ୟ ରଖିବା ଏବଂ ଟିମ ୱର୍କ ସହଯୋଗ ବିଷୟରେ ଶିଖିଥାଏ । ଏପରିକି କି ଖେଳ ତାଙ୍କୁ ସହାନୁଭୂତି, ଅନ୍ୟ ସହିତ ତାଳମେଳର ଭାବନା ଶିଖାଇଥାଏ ।ବୁଦ୍ଧିମତ୍ତା ବଢ଼ାଇବାକୁ ହେଲେ ପଜଲ ଗେମ୍, ମେମୋରୀ ଗେମ୍ସ, ଷ୍ଟ୍ରାଟେଜି ଗେମ୍ସ ସବୁଠାରୁ ପ୍ରଭାବଶାଳୀ ହୋଇଥାଏ । ପ୍ରତିଦିନ ଅତିକମରେ ୧୫-୨୦ ମିନିଟ ଏସବୁ ଖେଳକୁ ସମୟ ଦେବା ଦ୍ୱାରା ପିଲାର ବୁଦ୍ଧିମତା କେତେକାଂଶରେ ବିକଶିତ ହୋଇଥାଏ । ଏହା ବ୍ୟତୀତ ଏହି ଖେଳ ପିଲାକୁ ଧ୍ୟାନ କେନ୍ଦ୍ରିତ କରିବା ଏବଂ ଯୋଜନା ପ୍ରସ୍ତୁତ କରିବା ମଧ୍ୟ ଶିଖାଇଥାଏ । ତେବେ ପିଲାଟି ଯେପରି ଏହା ବ୍ୟତୀତ ଅନ୍ୟ କୌଣସି ଗେମ୍ସ ପ୍ରତି ଆକୃଷ୍ଟ ନହୁଏ ସେ ଦିଗକୁ ମଧ୍ୟ ଦେଖନ୍ତୁ ।

ପିଲାଟିର ଖେଳ ପ୍ରତି ଆଗ୍ରହ ଥିଲେ ତାକୁ ସୁଯୋଗ ଦିଅନ୍ତୁ ହେଲେ କୌଣସି ଚାପର ବଶବର୍ତ୍ତୀ ହୁଅନ୍ତୁ ନାହିଁ । କାରଣ ଏହା ପିଲାଟିର ମାନସିକ ଓ ବୁଦ୍ଧିମତା କ୍ଷେତ୍ରକୁ ପ୍ରଭାବିତ କରିଥାଏ । ପିଲାମାନଙ୍କର ଖେଳକୁଦ ପ୍ରତି ପିଲାବେଳୁ ଆଗ୍ରହ ରହିବାକୁ କେହି କେହି ଓଡ଼ିଆ ଢ଼ଗରେ କୁହନ୍ତି 'ତୁଳସୀ ଦୁଇ ପତ୍ରରୁ ବାସେ' । ଯଥାର୍ଥରେ ବାଧ୍ୟବାଧକତାରେ ନଖେଳି ବରଂ ପିଲାଟି ସକରାତ୍ମକ ଭାବରେ ତା ନିଜ ପସନ୍ଦର ଖେଳକୁ ପ୍ରଦର୍ଶନ କଲେ ତା ଭିତରୁ ହିଁ ନୂଆ ଉତ୍ସାହ ସୃଷ୍ଟି ହୋଇଥାଏ । ଯାହାର ସକରାତ୍ମକ ମନୋଭାବ ତାର ଦକ୍ଷତାକୁ ବଢ଼ାଇଥାଏ । ଆଜିର ସମୟରେ ନୂଆ ନୂଆ କୌଶଳ ପିଲାମାନଙ୍କର ବୁଦ୍ଧିମତ୍ତାର ବିକାଶ କେବଳ ଘଟାଉନାହିଁ ବରଂ ଅନ୍ତର୍ନିହିତ ପ୍ରତିଭାକୁ ବଢ଼ାଉଛି । ଦିନରେ ଅତିକମରେ ଅଧଘଣ୍ଟା ଆଉଟଡୋର ଗେମ୍ସ ଖେଳିବାକୁ ଚେଷ୍ଟା କରନ୍ତୁ । ଫଳରେ ଏଥିରୁ ସେମାନେ ଟିମୱର୍କ ଏବଂ ସହଯୋଗ ଶିଖିଥାଆନ୍ତି । ଘରେ ଏଭଳି କେତେକ ଇନଡୋର ଗେମ ଅଛି, ଯାହାକୁ ପିଲା ନିୟମିତ ଖେଳିପାରିବେ । ବିଶେଷ ଭାବରେ ଚେସ, ଲୁଡୁ ଭଳି ଖେଳ ବୁଦ୍ଧିମତ୍ତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ । ଖେଳିବା ଦ୍ୱାରା ମନରୁ ନାକାରାତ୍ମକ ଭାବନା କେତେକାଂଶରେ ଦୂର ହୋଇଥାଏ । ଖୁସି ମନରେ ସବୁବେଳେ ଖେଳିବା ଭଲ ।

ମନେରଖନ୍ତୁ ପିଲାଟିର ବୁଦ୍ଧିମତ୍ତା କେବଳ ସୋସିଆଲ ମିଡ଼ିଆ ବା ପୋଥିଗତ ବିଦ୍ୟା ଦ୍ୱାରା ଆୟତ ହୋଇପାରିନଥାଏ । ପିଲାଟିର ଅଭିଭାବକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେହି କେହି ବୁଝନ୍ତି ଯେ ବୁଦ୍ଧିମତ୍ତାର ବିକାଶ ନହେଲେ କ୍ୟାରିୟର ସତେ ଯେପରି ଅପୂରଣୀୟ ରହିଯିବ ତେବେ ଏହା ଆଦୌ ନୁହେଁ । ପାଠପଢ଼ା ସହ ବୁଦ୍ଧିମତା ବିକାଶର ସଂଯୋଗ ରହିଛି । ସାଙ୍ଗ ମାନଙ୍କ ସହିତ ଏ କ୍ଷେତ୍ରରେ ଭଲ ଭାବରେ ଭାବନାଗତ ତଥ୍ୟକୁ ନେଇ ଚର୍ଚ୍ଚା କରନ୍ତୁ । ଶ୍ରେଣୀ ସାରଙ୍କ ସହଯୋଗ ନିଅନ୍ତୁ ଏବଂ କୌଣସି ପ୍ରସଙ୍ଗକୁ ହାଲକାରେ ନିଅନ୍ତୁ ନାହିଁ ଏବଂ ସବୁବେଳେ ଏକ ପ୍ରକାର ମାନସିକ ଭାବେ ମୁକ୍ତ ରୁହନ୍ତୁ । ପାଠପଢ଼ାକୁ କଦାପି ବୋଝ ବୋଲି ଭାବନ୍ତୁ ନାହିଁ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

# ଠାକୁରାଣୀ, ଠାକୁର, ଭକ୍ତଙ୍କର ସମ୍ପତ୍ତି

**ଅଜୟ କୁମାର ବେହେରା**

ଧନ, ସମ୍ପତ୍ତି ଏକ ଅର୍ଥରେ ଏକ ଭାବନାରେ ନିଆଯାଏ ନାହିଁ । ଧନ ଉପରେ ଯେମିତି ପ୍ରକାର ଭେଦ, ସେମିତି ସମ୍ପତ୍ତି ପ୍ରକାର ଭେଦରେ ଅଛି । ଧନ ସମ୍ପତ୍ତିରେ ବହୁ ସ୍ତରରେ ଭାଗ ବଣ୍ଟରା ରହିଛି ହେଲେ ବିଦ୍ୟା ଅଟଇ ମହାଧନ । ଏଥିରୁ କେହି ବି ଭାଗ ନେଇ ନପାରନ୍ତି । ହେଲେ ରିଦ୍ଧି ସିଦ୍ଧ ଦୁଇସ୍ତର ବିଦ୍ୟାରେ ସମ୍ବନ୍ଧିତ, ରିଦ୍ଧିରୁ ଅର୍ଜନକାରୀ ସେ ଅର୍ଥ ଦାନ ଧର୍ମ କୁଟୁମ୍ବ ପାଳନ କରାଯାଏ । ତହିଁରୁ ପ୍ରାପ୍ତ ଧନ ସଞ୍ଚୟ କରାଯାଏ । ମାତ୍ର ସିଦ୍ଧିଟି ବ୍ୟକ୍ତିଗତ ସମ୍ପତ୍ତି, ସିଦ୍ଧି ହାସଲରେ ଗୁରୁ ଶପଥ, ହଳପ ରାଣ ପକାଇ ବିଦ୍ୟାର ଅପ ବ୍ୟବହାର ଉପରେ ରୋକ ଲଗାଇଥାନ୍ତି । ଧନ ବୃଦ୍ଧି ପାଇଁ ଉଦ୍ୟୋଗ ଉଦଯୋଗ ଶ୍ରମ ଦରକାର । ଏଥିରେ ମାୟା ଲଗାଇ ସତ୍ୟର ବାହାନା ପ୍ରଚାର ଲଗାଇ ଚିତାବାଘ ପରି ଅନେକ ଚିତାଶ୍ରୟୀ ହୋଇ ଶିକାର କରିବା ଏବେ ବଢ଼ି ଚାଲିଛି । ପଦବୀ ଧାରୀ ଜମିଦାର ସାଜି ତାଙ୍କ ଗୁମାସ୍ତାମାନେ ଏ ଜମିଦାର କରିତ କର୍ମୀ ଏ ପାଖକୁ ସେପାଖ କରି ତୁମର ସବୁକରିପାରିବେ ହେଲେ ସଲାମି ଟିକେ ଚଢ଼ା ଲାଗିବ । ଏ ପ୍ରଚାର ଭିନ୍ନ ପଥରେ କେତେକଙ୍କୁ ତ୍ୱରିତ ଧନୀ ଖାତାର ରୋଲ ନମ୍ବର କରିଦେଉଛି । ଧନରେ ଡାହାଣୀ ଦୃଷ୍ଟି ପଡୁଛି, ଚୋର, ଡାକୁ, ଖଣ୍ଟ, ଚାଟୁକାର, ରାଜକର୍ମଚାରୀ, ପରିଜନ ଆଦି କେତେ ପ୍ରକାର । ବିଦ୍ୟା ଧନ ବ୍ୟାଙ୍କ ସିନ୍ଦୁକ ବାକ୍ସ ଆଲମାରୀର ରଖିବା ବସ୍ତୁ ନୁହେଁ, ଏ ମସ୍ତିଷ୍କର ଜ୍ଞାନ ଭଣ୍ଡାରରେ ଚକ୍ରବୃଦ୍ଧିର ବର୍ଦ୍ଧମାନ ଧନ । ଧନ ଥୋପରେ ଏବେ ବାଘ ସିଂହ ବି ବାହାନ ପାଇଁ ଦୌଡ଼ି ଆସିବେ ।

ଧନବାନ ପଙ୍ଗୁ ଗିରୀଲଂଘନ ଫୁଟିକି କିବାତ । କାଳିଆ ଗୋରା ଅସୁନ୍ଦର ସୁନ୍ଦର, ଧନ ଦ୍ୱାରା ଖୁଲଜା ସିମ ସିମ । ସମ୍ପତ୍ତି ଏକ ସ୍ଥାୟୀ ଗୁଛଧନ, ଜମିଜମା ଘରବାଡ଼ି କୋଠାଘର ଏ ସ୍ଥାୟୀଧାନ ସ୍ଥାବର ଧନ, ଗାଡିମଟର, ସୁନା, ଚାନ୍ଦୀ ଏପରି ଧାତୁ ଅସ୍ଥାବର ଧନ, ସ୍ୱାସ୍ଥ୍ୟ ହିଁ ସମ୍ପଦ, ସବୁ ସମ୍ପଦ ଥାଇକି ସଦା ଅସୁସ୍ଥ ରହିଲେ ସମ୍ପଦ ଅଦରକାରୀ ହୋଇପଡ଼େ । ରକ୍ଷା କରିବା ଜଟିଳ ପରିସ୍ଥିତି ସୃଷ୍ଟି କରିପାରେ । ସନ୍ତାନ ମାନେ ଧନ କନ୍ୟା ମାନେ ରତ୍ନ, ରତ୍ନ କେବେ ମାରା ହୁଏ ନାହିଁ ମାଣିକ୍ୟରତ୍ନ ମାଟିରେ ପଡ଼ିଲେ ରଙ୍ଗ ହରାଏନାହିଁ ସେ ସଦା ଯାଜୁଲ୍ୟମାନ, ପୁଣି ମାଣିକ୍ୟ ପାଇଁ ଲୋକ କଥାଅଛି ଘୁଷୁରୀ ପେଟରୁ ମାଣିକ୍ୟ ଜାତ, କନ୍ୟା ମାନଙ୍କ ଗୋତ୍ର ନାହିଁ, ବିବାହ ପରେ ସ୍ୱାମୀ ଗୋତ୍ରରେ ସେମାନେ ପରିଚିତ । ଯେତେ ଯବନ ବିଦେଶୀ, ଅନ୍ୟ ଧର୍ମର ଲୋକେ ଏ ଦେଶକୁ ଆସିଛନ୍ତି ସାଙ୍ଗରେ କେବେ ସ୍ତ୍ରୀଲୋକ ଦଳ ନେଇ ଆସିନାହାନ୍ତି । ଅସ୍ତ୍ର ବଳରେ ଲୁଟକରି ନାରୀ ଝିଙ୍କି ନେଇ ଭୟ ଦେଖାଇ ସନ୍ତାନ ସୃଷ୍ଟି କରିଛନ୍ତି । ଆମର ତତ୍କାଳ ଧର୍ମଶାସ୍ତ୍ରରେ ସେ ନିରୀହା ଅବଳା ମାନଙ୍କୁ ପିତୃ ଜାତି ଧର୍ମରେ ଗ୍ରହଣ କରାଯାଇନାହିଁ । ଧର୍ମଶାସ୍ତ୍ର ଲିଖିତ ପିତୃ କେନ୍ଦ୍ରୀକ ଧର୍ମ ଜାତି, ଏହା ଏକ ବଡ଼ ସମ୍ପତ୍ତି । ଏ ପାଇଁ ଅନେକଙ୍କ ପ୍ରାଣ ଯାଇଛି । ଦେଶ ଧର୍ମ ଭାଷା ସଂସ୍କୃତି ଏ ସବୁ ସମ୍ପତ୍ତି ଶାସ୍ତ୍ରକାର, ନିୟମ କରିଛନ୍ତି ମାତ୍ର ରକ୍ଷା କରିବା ଦାୟିତ୍ୱ ରାଜଶକ୍ତିର । ଦୁବଳ ରାଜଶକ୍ତି ଧର୍ମ କାନୁନ ରକ୍ଷା ଅତୀତରେ ରକ୍ଷା ଅନେକ ଥର ହାରୀ ରକ୍ଷା କରିପାରି ନାହାନ୍ତି । ଗୀତାଶାସ୍ତ୍ର ବର୍ଣ୍ଣ, ଶଙ୍କର ଜନ୍ମ ପ୍ରମାଣ ଦେଇଛନ୍ତି । ଯାହା ବୃଷଲୀ କନ୍ୟା ବୟସ ଯିବାରୁ ଏପରି ସ୍ୱ ଇଛାରେ ଯେକୌଣସି ଜାତି ଧର୍ମର ପୁରୁଷ ସହ ସଂସାରକୁ ଆଗଭର ହେଉଛନ୍ତି ।

ଏଠାରେ ଧର୍ମଶାସ୍ତ୍ରର ପଣ୍ଡାମାନେ ନୀରବ ଦ୍ରଷ୍ଟା । ଏପରି ମହାସମ୍ପତ୍ତି ଉଜୁଡି ଚାଲିଛି । କେହିବି କେବେ ଯାଦୁଘର ଯଦି କଲିକତା ପରି ସହରରେ ଦେଖିବାକୁ ଯାଇଥିବେ, ତେବେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଉଦ୍ଧାର କରାଯିବା ଅନେକ ଦେବଦେବୀ ମୂର୍ତ୍ତି ଖୁବ ଯତ୍ନ ରକ୍ଷିତ, ସେ ସବୁକୁ ଦେଖିବା ପାଇଁ ଟିକଟ ଲାଗୁଛି । ଏ ବାବଦ, ମୋଟାରକମ ଧନ ସଂଗ୍ରହ ହେଉଛି, ଠିକ ସେହିପରି ସେହି ମୂର୍ତ୍ତି ପରି ଦିଅଁ ମନ୍ଦିରରେ ମଠରେ ଠାକୁର ଦେଖା ପାଇଁ ପଇସା ଆଦାୟ ବହୁସ୍ତରରେ ଏ ସମୟରେ କରାଗଲାଣି । ଜୋତା ଷ୍ଟାଣ୍ଡ ଦୀପ ଦୋକାନ ଭୋଗ ଦୋକାନ ଫୁଲଦୋକାନ ଏସବୁ ଆଗୁତରା ଟଙ୍କା ଦେଇ ନିଲାମରେ ପଟାଦାର, ଦ୍ରବ୍ୟ ବାହାରୁ ଆଣିବା ମନା ପୁଣି କିଛି ଚଢ଼ାଇଲେ ମହାସୁଲ ଆଦାୟ । ଏଥିରେ ଭକ୍ତିପୂତ ପ୍ରଭାବ ରହୁଛି କି ? ସୁଖରେ ଦିଅଁଙ୍କ ପାଖକୁ କମ ଯାଆନ୍ତି, ଦୁଃଖରୁ ଆର୍ତ୍ତରୁ ତ୍ରାହି ପାଇଁ ଲୋକେ ବହୁତ ଆସନ୍ତି କିନ୍ତୁ ଏପରି ଚିଡ଼ିଆଖାନା ପଶୁଦର୍ଶନୀ ପରି ଦେୟରେ କ'ଣ ଆର୍ତ୍ତ ଜନ ଆସିବା ବଢ଼ିବକି ? ସେବା ଏକ ଦୈବୀ ଧନ ଯେ କରେ ସେ କ'ଣ ପାଏ ତାହା ଦେବତାର ଦାନ, ଦେବତା ରାଜାଧିରାଜ, ଦେବୀମା ରାଜରାଜେଶ୍ୱରୀ, ଏମାନଙ୍କୁ କେବେ ଅଟେଇ ରଖି ସରଳ ଧର୍ମପ୍ରାଣ ଭକ୍ତ ମାନଙ୍କୁ ଜିଜିଆ କର ପରି ଆକଟରେ ରଖନ୍ତୁ ନାହିଁ । ସରକାର ଭକ୍ତଙ୍କ ପାଇଁ କିଛି ଏପରି ବ୍ୟବସ୍ଥା କରନ୍ତୁ ଲୋକେ ଦର୍ଶନୀ ବାଳନୁସାରେ ନିଶ୍ଚୟ ଦେଇ ସୁନ୍ଦର ଭାବରେ ଠାକୁରଙ୍କୁ ଆର୍ତ୍ତ ଜଣାଇ ପାରିବେ । ସରକାର ଧର୍ମ କାର୍ଯ୍ୟକ୍ରମକୁ ସବୁ ପଞ୍ଚାୟତରୁ ସ୍ୱେଚ୍ଛାସେବୀ ମାନଙ୍କୁ ଠାକୁର ସ୍ଥାନକୁ ସେବାକୁ ଜଗିବା ପାଇଁ କିଛି ତାଲିମ ଦେଇ ରଖିଲେ, ବହୁତ ସୁନ୍ଦର ପରିବେଶ ହୁଅନ୍ତା । ଏହି ଏକ ଦିବ୍ୟ ସେବା ସମ୍ପତ୍ତି ଏଥିରେ ଧର୍ମରକ୍ଷା ଦେଶ ସମ୍ପତ୍ତି ରକ୍ଷା ସରଳରେ ହୋଇ ପାରିବ । 'ଧନ ଆର୍ଜିବ ଧର୍ମ କରି, ଏ ବାକ୍ୟ ଅନ୍ୟଥା ହୋଇ ନପରେ ।'

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଅବାଧ, ଅବୈଧ ଅନୁପ୍ରବେଶ ଯେତିକି ଚିନ୍ତାଜନକ ସେତିକି ବିତର୍କୀୟ ମଧ୍ୟ

**ସୁଧାଂଶୁ ପାତ୍ର**

ବେଆଇନ ଅବୈଧ ଅନୁପ୍ରବେଶ ଭାରତ ପାଇଁ ଚିନ୍ତା ଜନକ ନିଶ୍ଚିନ୍ତ । ପ୍ରସଙ୍ଗଟି ଯେତିକି ଚିନ୍ତାଜନକ ସେତିକି ବିତର୍କର ବିଷୟ ମଧ୍ୟ । ପାକିସ୍ତାନୀ ଉଗ୍ରବାଦୀ ହୁଅନ୍ତୁ କିମ୍ବା ରୋହିଙ୍ଗିଆ ଅବା ବାଙ୍ଗଲାଦେଶୀ, ସେମାନଙ୍କର ଭାରତ ମଧ୍ୟକୁ ଅବାଧ ଏବଂ ଅବୈଧ ଅନୁପ୍ରବେଶ ହିଁ ବିତର୍କର ବିଷୟ । ଯାହାକି ପ୍ରଶ୍ନର ଉଚ୍ଚା ପାହାଡ଼ ଠିଆ କରୁଛି ଓ ଏହି ବିତର୍କରେ ବି.ଏସ୍.ଏଫ., ତଟ ସୁରକ୍ଷା ବାହୀନୀ ଓ ରାଜ୍ୟ ପୋଲିସଙ୍କ କାର୍ଯ୍ୟଶୈଳୀ, ନିଜନିଜ କାର୍ଯ୍ୟରେ ପ୍ରତିବଦ୍ଧତା ଓ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠୁଛି ଅନୁପ୍ରବେଶ ପ୍ରସଙ୍ଗ ଉପରେ । ଫଳରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ତଥା ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ, ଅଟକ ଓ ଦେଶାନ୍ତରୀ କରଣପ୍ରକ୍ରୀୟା ଆରମ୍ଭ କରି, ଦିନରାତି ଏକାଠି କରିଦେଇଛନ୍ତି, ବିଭିନ୍ନ ରାଜ୍ୟ ସରକାର । ପ୍ରଶାସକମାନଙ୍କୁ ପ୍ରକୀୟା ଆରମ୍ଭ କରିବା ସହ ପୋଲିସକୁ ତତ୍ପରତା ପ୍ରକାଶ କରି ଯଥାଶୀଘ୍ର ଏହି ପ୍ରକ୍ରୀୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାର ।

ଭାରତର ଅଧିକାଂଶ ରାଜ୍ୟକୁ ବ୍ୟାପି ସାରିଛି ଅବୈଧ ଅନୁପ୍ରବେଶ । ଏହି ଅନୁପ୍ରବେଶ ଦେଶକୁ ଚିନ୍ତିତ କରିବା ସହ ସେହିସବୁ ରାଜ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛି । ମୁଖ୍ୟତଃ ଏହା ଭାରତୀୟ ଆର୍ଥିକ ସମ୍ବଳ ଉପରେ ପ୍ରଭାବ ତଥା ଚାପ ସୃଷ୍ଟି କରୁଛି ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠ ତାଙ୍କ ଅନ୍ତରୀଣ ଆଦେଶରେ ଦର୍ଶାଇସାରିଛନ୍ତି । ଧାରା-୬-ଏ ସାମ୍ବିଧାନିକକୁ ଚ୍ୟାଲେଞ୍ଜ କରୁଥିବା ଯୁକ୍ତି ବିବାଦର ମୂଳକାରଣ ବୋଲି କହି ମାନ୍ୟବର ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ଏକ ସମ୍ପୂର୍ଣ୍ଣ ରିପୋର୍ଟ ମାଗିବା ସହ ଅଦାଲତଙ୍କର ଏହା ଉପରେ ତଥ୍ୟ ଭିତ୍ତିକ ସୂଚନ ପାଇବା ଉଚିତ ବୋଲି ଖଣ୍ଡପୀଠ ତାଙ୍କ ଆଦେଶରେ ଜଣାଇସାରିଛନ୍ତି । ମାତ୍ର ସବୁଠାରୁ ବିଡ଼ମ୍ବନା ତଥା ଦୁଃଖର ବିଷୟଯେ, ଏହା ଉପରେ କୌଣସି ତଥ୍ୟଭିତ୍ତିକ ରିପୋର୍ଟ ନାଁ କେନ୍ଦ୍ର ସରକାର ନା ରାଜ୍ୟ ସରକାର, କାହା ପାଖରେ ହେଲେ ନାହିଁ । ଏବେ କେନ୍ଦ୍ର ସରକାର କାହାର ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି । ଓଡ଼ିଶା ସମେତ ଅନ୍ୟ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନେ ସକ୍ରୀୟ ହୋଇ ଉଠିଛନ୍ତି ।

ଅବୈଧ ଅନୁପ୍ରବେଶ ଏବେବି ଏକ ପକ୍ଷେ ଅନୁପ୍ରବେଶକାରୀଙ୍କୁ ଓଡ଼ିଶାର ପ୍ରକ୍ରୀୟା ଚାଲୁଥିବା ବେଳେ ଅନ୍ୟପକ୍ଷେ ପ୍ରବଳ ମାତ୍ରାରେ ଜାରିରହିଛି । ବାଙ୍ଗଲାଦେଶୀଙ୍କୁ ବାଙ୍ଗଲାଦେଶରୁ ଆଣି ଭାରତରେ ବିଭିନ୍ନ ରାଜ୍ୟରେ ଅବସ୍ଥାପିତ କରିବାରେ ନିୟୋଜିତ ଦଲାଲ୍ ଏବେ କି ଭାରତରେ ସକ୍ରୀୟ ଅଛନ୍ତି ବୋଲି ଏନ୍.ଆଇ.ଏ ସ୍ପଷ୍ଟ କରିସାରିଛି । ଭାରତର ୧୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ରାଷ୍ଟ୍ରୀୟ ତଦନ୍ତକାରୀ ଏଜେନ୍ସି, ଏନ୍.ଆଇ.ଏ ପକ୍ଷରୁ ଚଢ଼ାଉ କରାଯାଇ ୫୦ରୁ ଅଧିକ ଦଲାଲଙ୍କ ଗିରଫଦାରୀ ପରେ ଅବୈଧ ଅନୁପ୍ରବେଶ ପ୍ରକ୍ରୀୟା ଜାରିରହିଛି ବୋଲି ସ୍ପଷ୍ଟ ହୋଇଛି । ଏନ୍.ଆଇ.ଏ ମଧ୍ୟ ଆହୁରି ଅଧିକ ତଥ୍ୟ ଦେବାକୁ ଯାଇ କହିଛି ଯେ, ଅନୁପ୍ରବେଶ କରାଉଥିବା ଦଲାଲ୍ଙ୍କର ନେଟୱାର୍କ ସାରା ଦେଶରେ କାର୍ଯ୍ୟ କରୁଛି ଏବଂ ବହୁ ଦୃତଗତୀରେ ଗତିଶୀଳ ମଧ୍ୟ ହେଉଛି । ତ୍ରିପୁରା, ଆସାମ, ବେଙ୍ଗଲ, ଓଡ଼ିଶା, କର୍ଣ୍ଣାଟକ, ତାମିଲ୍‌ନାଡୁ, ତେଲେଙ୍ଗାନା, ହରିଆନା, ରାଜସ୍ଥାନ, ପଣ୍ଡିଚେରୀର ୫୫ଟି ସ୍ଥାନରେ ଚଢ଼ାଉ ବେଳେ ଏନ୍.ଆଇ.ଏକୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି । ଦଲାଲଙ୍କ ଠାରୁ ବହୁ ନକଲି ଆଧାର, ପ୍ୟାନ୍‌କାର୍ଡ଼ ସହିତ ପରିଚୟ ସମ୍ପର୍କୀତ ଅନ୍ୟାନ୍ୟ ବହୁ କାଗଜପତ୍ର ମଧ୍ୟ ଏନ୍.ଆଇ.ଏକୁ ମିଳିଛି ବୋଲି ଏନ୍.ଆଇ.ଏ ପକ୍ଷରୁ ତଥ୍ୟ ରଖାଯାଇଛି । ଜମ୍ମୁକାଶ୍ମୀର ଠାରୁ ରାଜସ୍ଥାନ ଏପରିକି ଦକ୍ଷିଣ ଭାରତ ପର୍ଯ୍ୟନ୍ତ ଅବୈଧ ଅନୁପ୍ରବେଶକାରୀଙ୍କୁ ବିଭିନ୍ନ ସ୍ଥାନରେ ପରିଚୟ ପତ୍ର ସହ ଥଇଥାନ କରିବାରେ ସଫଳତାରେ ଦଲାଲମାନଙ୍କ ହାତ କେତେ ଦୂର ଲମ୍ବିଛି ବୋଲି ମଧ୍ୟ ପ୍ରମାଣିତ କରୁଛି । ଏକ ବଳିଷ୍ଠ ନେଟୱାର୍କ ଏକ୍ଷେତ୍ରରେ ତୀବ୍ରଗତିରେ ଚାଲିଛି ବୋଲି ସୂଚନା ଦେଉଛି ।

ବାଙ୍ଗଲାଦେଶୀ ଅବୈଧ ଉପାୟରେ ଭାରତ ମଧ୍ୟକୁ ଅକ୍ଳେଶରେ ଅନୁପ୍ରବେଶ କରାଇ ଆସାମ ବେଙ୍ଗଲ ପରେ ଜାମ୍ମୁକାଶ୍ମୀରଠୁ ହାଇଦ୍ରବାଦ, ଚେନ୍ନାଇ ପର୍ଯ୍ୟନ୍ତ ଦଲାଲମାନେ ଅବସ୍ଥାପିତ କରାଇ ପାରୁଛନ୍ତି । ଏଥିରୁ ସ୍ପଷ୍ଟ ଭାବେ ଅନୁମାନ କରରିହେବ ଯେ, ଏଥିରେ ଏକ ବିରାଟ ବଡ଼ ଦଲାଲ ନେଟୱାର୍କ ରହିଛି । ଏମାନଙ୍କୁ ଏପ୍ରକାର ନାଗରିକତ୍ୱ ପ୍ରଦାନ କରି ଏଠାକାର ରାଜନୀତିରେ ପ୍ରବେଶ କରାଇବା ସହ ସରକାର ଗଠନ କ୍ଷେତ୍ରରେ ଭୋଟ୍ ବ୍ୟାଙ୍କ ରୂପେ ଏମାନେ କାର୍ଯ୍ୟ କରୁଛନ୍ତି ଓ ପ୍ରଶାସକଙ୍କର ମଧ୍ୟ ପ୍ରଚ୍ଛଦ ହାତ ରହିଛି ବୋଲି ଧରିବାକୁ ହେବ । ଫଳରେ ଭାରତୀୟ ରାଜନୀତିରେ ହଇଚଇ ସୃଷ୍ଟି କରିବା ପଛରେ ଏମାନଙ୍କର ପ୍ରମୁଖ ଭୂମିକା ରହୁଛି ।

ଜାତୀୟ ରାଜନୀତି ସହ ଜାତୀୟ ସମ୍ବଳ ଓ ଜାତୀୟ ସୁରକ୍ଷା କ୍ଷେତ୍ରରେ ଅବୈଧ ଅନୁପ୍ରବେଶକାରୀଙ୍କର ବହୁ କୁପ୍ରଭାବ ପଡୁଛି । ଜାତୀୟ ସମ୍ବଳରେ ଏମାନେ ଭାଗିଦାର ସାଜୁଛନ୍ତି । ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପରେ ଏମାନଙ୍କ ଭୂମିକା ଜାତୀୟ ସୁରକ୍ଷାପାଇଁ ବିପଦସୃଷ୍ଟି କରୁଛି । ବିଦେଶରୁ ଆସୁଥିବା ବ୍ରାଉନ୍ ସୁଗାର, ଚରସ୍ ପରି ନିଶାଦ୍ରବ୍ୟର ବାହାକ ସାଜୁଛନ୍ତି ଏହି ଅନୁପ୍ରବେଶକାରୀ ବାଙ୍ଗଲାଦେଶୀ । ଯାହାର ମାତ୍ରାଧିକ ଘଟଣା ବିଗତ ଦିନରେ ଘଟିସାରିଛି ଏବଂ ପ୍ରମାଣ ମଧ୍ୟ ଦେଉଛି । ହରିଆଣାରେ ଘଟିଯାଇଥିବା ସାମ୍ପ୍ରଦାୟୀକ ହିଂସାରେ ରୋହିଗ୍ୟା ଅବୈଧ ଅନପ୍ରବେଶକାରୀଙ୍କ ହାତ ଥିବାର ସ୍ପଷ୍ଟ ସୂଚନା ମିଳିଛି । ଦିଲ୍ଲୀ ଦଙ୍ଗାରେ ମଧ୍ୟ ଏମାନଙ୍କ ହାତ ରହିଥିବା ଆଶଙ୍କା କରାଯାଇଛି । ଏହି ଜାତିର ଅବୈଧ ଅନୁପ୍ରବେଶକାରୀଙ୍କ ପ୍ରକୃତ ସଂଖ୍ୟା କେତେ ତାହା କହିବା ଅସମ୍ଭବ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା କେତେ ତାହା କହିବା ଅସମ୍ଭବ । ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଭାରତରେ ୧ କୋଟି ପାଖାପାଖି କୁହାଯାଉଥିବା ବେଳେ ରୋହିଗିଆଙ୍କ ସଂଖ୍ୟା ୫୦ ରୁ ୭୦ ହଜାରୁ ଅଧିକ ବୋଲି କୁହାଯାଇଛି । ମିଆଁମାରରୁ ସିଧା ଆସି କିମ୍ବା ବାଙ୍ଗଲାଦେଶ ଦେଇ ଭାରତ ମଧ୍ୟରେ ଅବୈଧ ଭାବେ ବସବାସ କରୁଥିବା ଏହି ଜାତି ଭାରତ ପାଇଁ ବିପଦ । ମିଆଁମାର ଦେଇ କିଛି ଦିନ ତଳେ କିଛି ଚୀନ ଆଦିବାସୀ ସମ୍ପ୍ରଦାୟ ଲୋକ ମିଆଁମାର ବାଟରେ ଆସି ମିଜୋରାମରେ ବସବାସ କରୁଥିବା ସୂଚନା ଏନ୍.ଆଇ.ଏ ପାଖରେ ରହିଛି । ମିଆଁମାର ଦେଇ ବହୁ ଚୀନି, କୁକି ସମ୍ପ୍ରଦାୟର ଲୋକ ଅବୈଧ ଅନୁପ୍ରବେଶକାରୀଙ୍କ ଏକ ବଡ଼ ସଂଖ୍ୟା ମଣିପୁରରେ ମଧ୍ୟ ରହିଛନ୍ତି । ତେଣୁ ଜାତୀୟ ସୁରକ୍ଷା କ୍ଷେତ୍ରରେ ଏମାନଙ୍କର ଉପସ୍ଥିତି ଏକ ବଡ଼ ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି । ଅବୈଧ ଅନୁପ୍ରବେଶକାରୀ ଙ୍କ ହାତ ମଣପୁର ହିଂସାରେ ରହଛି ବୋଲି ମଧ୍ୟ ରିପୋର୍ଟ ଆସୁଛି । ସେ ବାଙ୍ଗଲାଦେଶୀ ହୁଅନ୍ତୁ ବା ରୋହିଙ୍ଗିଆ ହୁଅନ୍ତୁ ବା ଶରଣାର୍ଥୀ ଏମାନଙ୍କୁ ନିଜନିଜ ଦେଶକୁ ପଠାଇବା ଭାରତ ସରକାରଙ୍କ ପାଇଁ ଏତେ ସହଜ ବ୍ୟାପାର ନୁହେଁ । ଯେତେବେଳେ ଏମାନଙ୍କୁ ନିଜନିଜ ଦେଶକୁ ପଠାଇବା ପ୍ରସ୍ତାବ ଆଲୋଚନାକୁ ଆସୁଛି ସେତେବେଳେ ସେହି ଆଲୋଚନା ଅଧାରୁ ସ୍ଥଗିତ ରହୁଛି । ଅନ୍ୟପକ୍ଷରେ ଯେତେବେଳେ ଏହି ପ୍ରସଙ୍ଗ ବା ଦାବି ଉଠୁଛି ସେତେବେଳେ ଆମେରିକା ଓ ୟୁରୋପରେ ଅବସ୍ଥାପିତ କେତେକ ମାନବାଧିକାର ସଂଗଠନ ପକ୍ଷରୁ ଘୋର ବିରୋଧୀ ସ୍ୱର ଉଠୁଛି । ଅବୈଧ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ହେଲେ ସୀମାରେ ଥିବା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି । ଅନୁପ୍ରବେଶକାରୀ ପ୍ରବେଶ ପ୍ରତି ଅଧିକ ଦୃଷ୍ଟିଦେବା ଦରକାର ଯେପରି ଏହାର ସଂଖ୍ୟା ଆଉ ନବଢ଼େ । ଅନ୍ୟ ପକ୍ଷରେ ମାନ୍ୟବର ସୁପ୍ରିମପୋର୍ଟ ମାଗିଥିବା ରିପୋର୍ଟ ପଇଠ କରିବା ବା କମ୍ପ୍ଲାଏ କରିବା ଭାରତ ସରକାର ପକ୍ଷେ ଏକ କଷ୍ଟସାଧ୍ୟ କାର୍ଯ୍ୟ ତେଣୁ ୨୦୧୮ ଏବଂ ବିଗତରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସମ୍ପର୍କରେ ହାସଲ କରାଯାଇଥିବା ରିପୋର୍ଟ ଆଧାରରେ ହିଁ ଆନୁମାନିକ ଆକଳନ କରି କୋର୍ଟକୁ ସନ୍ତୁଷ୍ଟ କରିବେ ଭାରତ ସରକାର ନଚେତ୍ ଏନ୍.ଆଇ.ଆରର ସମୀକ୍ଷା ରିପୋର୍ଟ ଉପରେ ଭାରତ ସରକାରଙ୍କୁ ନିର୍ଭର କରବାକୁ ପଡ଼ିବ । କାରଣ ଏମାନଙ୍କ ଉପସ୍ଥିତି ଦିଲ୍ଲୀଦଙ୍ଗା ଦେଇ ମଣିପୁର ଅବା ପଞ୍ଜାବରେ ସେମାନଙ୍କ ସହଯୋଗ ଜାତୀୟ ସୁରକ୍ଷା ପ୍ରତି ବିପଦ । ଏବଂ ଦିଲ୍ଲୀ କାର ବୋମା ବିସ୍ଫୋରଣ ପରି ବହୁ ଅଘଟଣ ଆତଙ୍କି କାର୍ଯ୍ୟ ବିଭିନ୍ନ ରାଜ୍ୟକୁ ବ୍ୟାପିବ । ଚରସ୍, ବ୍ରାଉନ୍‌ସୁଗାର ବେପାର ସହ ଦେହବ୍ୟବସାୟ ଜାରି ରଖିବାରେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ଆହୁରି ଉତ୍ସାହିତ ହେବେ । ଏମାନଙ୍କ ମାଧ୍ୟମରେ ଭାରତର ଅଧିକାଂଶ ରାଜ୍ୟର କ୍ରାଇମ୍ ରିପୋର୍ଟ ବଢ଼ିବାର ଆଶଙ୍କା ମଧ୍ୟ କରାଯାଇପାରେ । ତେଣୁ ରାଜ୍ୟମାନଙ୍କ ତରଫରୁ ଚଢ଼ାଉ ଓ ଚିହ୍ନଟ ପ୍ରକ୍ରୀୟା ଆରମ୍ଭ ହୋଇଛି ମାନେ ଅନୁପ୍ରବେଶର ପୂର୍ଣ୍ଣଛେଦ ପକାଇବା ଏବଂ ଏହାର ପୁନରାବୃତ୍ତିକୁ ସ୍ୱାଗତ ନକରିବା ପାଇଁ ସୁଚିନ୍ତିତ ଏବଂ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଦେବାକୁ ପଡ଼ିବ ଭାରତକୁ । ଅନ୍ୟପକ୍ଷରେ ସୀମା ସୁରକ୍ଷା ଓ ତଟରକ୍ଷୀ ବାହୀନିଙ୍କୁ ଯାଞ୍ଚ କଡ଼ାକଡ଼ି କରିବାକୁ ସାମରିକ ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରିବା ମଧ୍ୟ ଜରୁରୀ, ଏନ୍. ଆଇ.ଏ ରିପୋର୍ଟ ଆଧାରରେ ।

ଫୋନ - ୯୦୯୦୩୨୩୨୬୦,୮୦୯୩୫୪୮୫୦୬



# ବାବ୍ରି ନିର୍ମାଣ ପାଇଁ ମୋ ମୁସଲମାନ ଭାଇ କୋଟି କୋଟି ଟଙ୍କା ଦେଉଛନ୍ତି

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):**ପଶ୍ଚିମବଙ୍ଗ ରାଜନୀତିରେ ହୁମାୟୁନ୍ କବୀରଙ୍କ ରୂପରେ ଏକ ନୂତନ ମୁହଁ ଉଭା ହେଉଛି । ମୁର୍ଶିଦାବାଦରେ ବାବ୍ରି ମସଜିଦର ଶିଳାନ୍ୟାସ ପରେ ପ୍ରସିଦ୍ଧି ହାସଲ କରିଥିବା ହୁମାୟୁନ୍ କବୀର ଏବେ ନିଜର ରାଜନୈତିକ ଦଳ ଗଠନ କରିଛନ୍ତି ଏବଂ ନିର୍ବାଚନ ଲଢ଼ିବାକୁ ତାଙ୍କର ଇଚ୍ଛା ଘୋଷଣା କରିଛନ୍ତି । ସେ ମମତା ବାନାର୍ଜୀଙ୍କ ବିରୋଧରେ ପ୍ରାର୍ଥୀ ଦେବେ ଏବଂ ତାଙ୍କୁ କ୍ଷମତାରୁ ହଟାଇବା ପାଇଁ ଚେଷ୍ଟା କରିବେ ବୋଲି ମଧ୍ୟ ଘୋଷଣା କରିଛନ୍ତି । ଏମଧ୍ୟରେ ହୁମାୟୁନ୍ ବାବ୍ରି ମସ୍ଜିଦ୍ ନାମରେ ଆସୁଥିବା ପାଣ୍ଠି ବିଷୟରେ କହିଛନ୍ତି । ଏକ ସାକ୍ଷାତକାରରେ ହୁମାୟୁନ୍ କବୀରଙ୍କୁ ବାବ୍ରି ମସଜିଦ ନାମରେ ସାଉଦି ଆରବ ଏବଂ ବାଂଲାଦେଶରୁ ଆସୁଥିବା କୋଟି କୋଟି ଟଙ୍କା ବିଷୟରେ ପଚରାଯିବାରୁ ସେ କହିଥିଲେ, ଟଙ୍କା ଆସିବାକୁ ଦିଅ, ଅସୁବିଧା କ'ଣ ? ଭାରତର ପ୍ରଧାନମନ୍ତ୍ରୀ ସାଉଦି ଆରବ ଗଲେ ଏତେ ସମ୍ମାନ ପାଆନ୍ତି । ତେଣୁ ଯଦି ସାଉଦି ଆରବର ଲୋକମାନେ ଭାରତୀୟ ମୁସଲମାନମାନଙ୍କୁ ମସଜିଦ ନିର୍ମାଣ ପାଇଁ ଟଙ୍କା ଦେଉଛନ୍ତି, ତେବେ ଏଥିରେ ଅସୁବିଧା କ'ଣ ?କବୀର ଆହୁରି କହିଛନ୍ତି, ମୋର ମୁସଲମାନ ଭାଇମାନେ ମୋତେ ବାବ୍ରି ମସଜିଦ ନିର୍ମାଣ ପାଇଁ ଟଙ୍କା ଦେଇଛନ୍ତି । ମୁଁ ସ୍ୱଚ୍ଛତା ବଜାୟ ରଖିଛି ଏବଂ ସିସିଟିଭି ନଜରରେ ସମସ୍ତ ଟଙ୍କା ଗଣିଛି । ମୋ ବ୍ୟାଙ୍କ ଆକାଉଣ୍ଟରେ ୩କୋଟି ଟଙ୍କାରୁ ଅଧିକ ଦାନ ଜମା ହୋଇଛି। ଜଣେ ବ୍ୟକ୍ତି ମୋତେ ୮୦କୋଟି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିଛି ଲୋକ ୧ କୋଟି ଟଙ୍କା ଦେବାକୁ ଇଚ୍ଛୁକ ଥିବା ବେଳେ କିଛି ଲୋକ ୫କୋଟି ଟଙ୍କା ଦେବାକୁ ଇଚ୍ଛୁକ ଅଛନ୍ତି । ଏହି ସମ୍ପୂର୍ଣ୍ଣ ରାଶି ମସଜିଦ ନିର୍ମାଣ ପାଇଁ ବ୍ୟବହାର କରାଯିବ । ଏହି ଟଙ୍କା ରାଜନୀତି ପାଇଁ ବ୍ୟବହାର କରାଯିବ ନାହିଁ।୨୦୧୧ର ଜନଗଣନା ଅନୁସାରେ ଏହା ଜଣାପଡିଛି ଯେ, ପଶ୍ଚିମବଙ୍ଗରେ ୨୭ପ୍ରତିଶତରୁ ଅଧିକ ମୁସଲମାନ ସଂପ୍ରଦାୟର ଲୋକ ବସବାସ କରୁଛନ୍ତି, ଯାହାକି ଦେଶର ଦ୍ୱିତୀୟ ମୁସଲମାନ ବହୁଳ ରାଜ୍ୟ ଭାବରେ ପରିଚିତ । ସବୁଠାରୁ ବଡ କଥା ହେଲା, ବିଧାନସଭା ନିର୍ବାଚନ ପାଇଁ ଟିଏମସିକୁ ୨୭ ପ୍ରତିଶତ ଭୋଟ ଏହି ମୁସଲମାନ ସଂପ୍ରଦାୟରୁ ହିଁ ମିଳିଥାଏ । ଏମଧ୍ୟରେ ମୁସଲମାନ ଭୋଟ୍ ଛଡ଼ାଇ ନେବି ବୋଲି ହୁମାୟୁନ କବୀର ଦାବି କରିବା ଟିଏମସି ପାଇଁ ଚିନ୍ତାର କାରଣ ପାଲଟିଛି । କବୀରଙ୍କ କହିବା ମୁତାବକ, ମୁଁ ଏକ ନୂତନ ଦଳ ଗଠନ କରିବି ଏବଂ ବିଧାନସଭାର ୧୩୫ଟି ଆସନ ପାଇଁ ପ୍ରାର୍ଥୀ ଦେବି। ଆମ ଦଳ ମୁସଲମାନମାନଙ୍କ ପାଇଁ କାମ କରିବ ।



# ପ୍ରଦୂଷଣରେ ମରୁଛନ୍ତି ବର୍ଷକୁ ୧୫ ଲକ୍ଷ

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ବିଶ୍ୱର ପ୍ରତିଷ୍ଠିତ ମେଡିକାଲ୍ ପତ୍ରିକା 'ଲାନ୍ସେଟ୍' ଦ୍ୱାରା ପ୍ରକାଶ ପାଇଛି ଚିନ୍ତାଜନକ ରିପୋର୍ଟ । ଭାରତରେ ପ୍ରତିବର୍ଷ ପ୍ରଦୂଷଣଜନିତ କାରଣରୁ ପ୍ରାୟ ୧୫ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ପ୍ରଦୂଷଣ ହେଉଛି ଦେଶରେ ମୃତ୍ୟୁର ଏକ ମୁଖ୍ୟ କାରଣ । ଏହି ତଥ୍ୟ ସାମ୍ନାକୁ ଆସିବା ପରେ ପରିବେଶ ଏବଂ ସ୍ୱାସ୍ଥ୍ୟ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅତ୍ୟଧିକ ବାୟୁ ଏବଂ ଜଳ ପ୍ରଦୂଷଣ ଯୋଗୁଁ ବିଭିନ୍ନ ପ୍ରକାର ରୋଗ ବ୍ୟାପିବାରେ ଲାଗିଛି, ଯାହା ଶେଷରେ ଜୀବନ ନେଉଛି । ରିପୋର୍ଟରେ ଏହା ମଧ୍ୟ ଦର୍ଶାଯାଇଛି, ପ୍ରଦୂଷଣ କାରଣରୁ ହେଉଥିବା ମୃତ୍ୟୁ ହାରରେ ଭାରତ ବିଶ୍ୱର ପ୍ରମୁଖ ରାଷ୍ଟ୍ରମାନଙ୍କ ମଧ୍ୟରେ ଅଛି, କିନ୍ତୁ ବିଡ଼ମ୍ବନାର ବିଷୟ, ସଂସଦରେ ଏହି ସମ୍ପର୍କରେ ତଥ୍ୟ ମଗାଯିବାରୁ ସରକାର କହିଛନ୍ତି, ଦେଶରେ ପ୍ରଦୂଷଣଜନିତ ମୃତ୍ୟୁ ସଂଖ୍ୟା ଉପରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଉପଲବ୍ଧ ନାହିଁ । ବିଶେଷଜ୍ଞମାନେ ସରକାରଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସଙ୍କଟ ଉପରେ ତୁରନ୍ତ ଧ୍ୟାନ ଦେବାକୁ ଏବଂ ସଠିକ୍ ତଥ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦେଇଛନ୍ତି ।



# ଇଣ୍ଡିଗୋ ଏୟାରଲାଇନ୍ସର ସ୍ଥିତିରେ ସୁଧାର

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):**ବିଗତ କିଛି ଦିନ ଧରି ଅବ୍ୟବସ୍ଥା ହୋଇପଡିଥିବା ଇଣ୍ଡିଗୋ ଏୟାରଲାଇନ୍ସର ସ୍ଥିତି ଏବେ ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଛି । ବିମାନ ଚଳାଚଳ ପୁଣିଥରେ ନିଜର ପୁରୁଣା ଧାରାକୁ ଫେରୁଥିବା ଦେଖିବାକୁ ମିଳିଛି । ଏୟାରଲାଇନ୍ସର ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ପରିଚାଳନାରେ ବଡ଼ ଧରଣର ସୁଧାର ଆସିଛି । ଡିସେମ୍ବର ୮ ତାରିଖରୁ ନେଟୱାର୍କର ସମସ୍ତ ୧୩୮ଟି ଗନ୍ତବ୍ୟସ୍ଥଳ ପୁଣିଥରେ ସମ୍ପୂର୍ଣ୍ଣ ରୂପେ ଯୋଡି ହୋଇଯାଇଛି ଏବଂ ଡିସେମ୍ବର ୯ରୁ ଇଣ୍ଡିଗୋର ବିମାନ ଚଳାଚଳ ସମ୍ପୂର୍ଣ୍ଣ ସ୍ଥିର ରହିଛି। ସବୁଠାରୁ ଆଶ୍ୱସ୍ତିର ବିଷୟ ହେଲା, ବିଗତ ତିନି ଦିନ ମଧ୍ୟରେ ଗୋଟିଏ ବି 'ସେମ୍-ଡେ କ୍ୟାନସଲେସନ୍' ବା ଯାତ୍ରା ଦିନରେ ବିମାନ ବାତିଲ ହୋଇନାହିଁ । କେବଳ ପାଣିପାଗ କିମ୍ବା ବୈଷୟିକ ତ୍ରୁଟି ଭଳି ମାମୁଲି କାରଣକୁ ଛାଡିଦେଲେ, ବିମାନଗୁଡିକର 'ଅନ୍-ଟାଇମ୍ ପରଫର୍ମାନ୍ସ' ବା ଠିକ୍ ସମୟରେ ଉଡାଣ ଭରିବା ପ୍ରକ୍ରିୟା ପୁଣିଥରେ ସୁଧୁରି ଯାଇଛି । ତଥ୍ୟ ଅନୁଯାୟୀ, ଇଣ୍ଡିଗୋ ଏୟାରଲାଇନରେ ପ୍ରତିଦିନ ଉଡାଣ ସଂଖ୍ୟା ବୃଦ୍ଧି ପାଉଛି । ୮ ଡିସେମ୍ବରରେ ୧୭୦୦ରୁ ଅଧିକ ବିମାନ ଉଡାଣ ଭରିଥିବାବେଳେ ମାତ୍ର ଗୋଟିଏ ବାତିଲ ହୋଇଥିଲା । ସେହିପରି ୯ ଡିସେମ୍ବରରେ ୧୮୦୦ରୁ ଅଧିକ ବିମାନ ଚଳାଚଳ କରିଥିଲା ଏବଂ ଗୋଟିଏ ବି ବାତିଲ ହୋଇନଥିଲା । ଗୁରୁବାର ଦିନ




୧,୯୫୦ରୁ ଅଧିକ ବିମାନ ଚଳାଚଳ କରିବାର ଆଶା କରାଯାଉଛି, ଯାହା ଫଳରେ ପ୍ରାୟ ୩ ଲକ୍ଷ ଯାତ୍ରୀ ସୁରୁଖୁରୁରେ ଯାତ୍ରା କରିପାରିବେ । ତେବେ ଏହି ସଙ୍କଟ ସମୟରେ ବିମାନ ଚଳାଚଳ ସୁରକ୍ଷା ନିୟାମକ ଡିଜିସିଏ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ନିକଟରେ ହୋଇଥିବା ପରିଚାଳନାଗତ ବାଧାବିଘ୍ନ ଉପରେ ତଥ୍ୟ ଏବଂ ସଦ୍ୟତମ ସୂଚନା ସହ ଏକ ବ୍ୟାପକ ରିପୋର୍ଟ ଦାଖଲ କରିବାକୁ ଡିଜିସିଏ ଇଣ୍ଡିଗୋର ସିଇଓ ପିଟର ଏଲବର୍ସଙ୍କୁ ତଲବ କରିଛନ୍ତି ।

## ଇଣ୍ଡିଗୋର ବଡ଼ ଘୋଷଣା

# ପ୍ରଭାବିତ ଯାତ୍ରୀଙ୍କୁ ମିଳିବ ୧୦ ହଜାର ଟଙ୍କାର କ୍ଷତିପୂରଣ ସହ ଏକ୍ସଟ୍ରା ଟ୍ରାଭେଲ୍ ଭାଉଚର

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):**ଇଣ୍ଡିଗୋର ବଡ଼ ଘୋଷଣା । ପ୍ରଭାବିତ ଯାତ୍ରୀଙ୍କୁ ମିଳିବ ୫ ହଜାର ରୁ ୧୦ ହଜାର ଟଙ୍କାର କ୍ଷତିପୂରଣ । ସେହିପରି ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଯାତ୍ରୀଙ୍କୁ ମିଳିବ ୧୦ ହଜାର ଟଙ୍କାର ଟ୍ରାଭେଲ ଭାଉଚର୍ । ଇଣ୍ଡିଗୋର ଫ୍ଲାଇଟ୍ କ୍ୟାନସଲ୍ ପାଇଁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଡିସେମ୍ବର ପ୍ରଥମ ସପ୍ତାହରେ ସବୁଠୁ ଅଧିକ ବିମାନ ସେବା ପ୍ରଭାବିତ ହୋଇଛି । ଏହି ସମୟ ମଧ୍ୟରେ ଶତାଧିକ ଫ୍ଲାଇଟ୍ କ୍ୟାନସଲ୍ ହୋଇଛି । ଏହାଦ୍ୱାରା ଯାତ୍ରୀମାନେ ପ୍ରବଳ କ୍ଷତି ସହିଛନ୍ତି। ପ୍ରବଳ ବିରୋଧ ଓ ଅସନ୍ତୋଷ ପରେ ଡିଜିସିଏ ଏୟାରଲାଇନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। ଏବେ ଇଣ୍ଡିଗୋ ୩, ୪, ଓ ୫ ଡିସେମ୍ବରରେ ଉଡାଣ ରଦ୍ଦ କାରଣରୁ ପ୍ରଭାବିତ ଯାତ୍ରୀମାନଙ୍କୁ ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବ । ଏହା ସହ ଏୟାରଲାଇନ୍ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ଯାତ୍ରୀଙ୍କୁ ୧୦ ହଜାର ଟଙ୍କାର ଅତିରିକ୍ତ ଟ୍ରାଭେଲ୍ ଭାଉଚର୍ ମିଳିବ । ଏହାଦ୍ୱାରା କ୍ଷତିଗ୍ରସ୍ତ ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳିବ । ଯାତ୍ରୀମାନେ ଏହି ଟ୍ରାଭେଲ୍ ଭାଉଚରକୁ ଆସନ୍ତା ୧୨ ମାସ ମଧ୍ୟରେ ବ୍ୟବହାର କରିପାରିବେ । ଭାରତରେ ଇଣ୍ଡିଗୋର ଯେକୌଣସି ଘରୋଇ ଉଡ଼ାଣ କିମ୍ବା ଅନ୍ତରାଷ୍ଟ୍ରୀୟ ରୁଟ୍ ପାଇଁ ଭାଉଚର୍କୁ ବ୍ୟବହାର କରିପାରିବେ। କମ୍ପାନୀର କହିବା ଅନୁଯାୟୀ, ଡିଜିସିଏ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦେଶନାମା ଅନୁଯାୟୀ ଏହି କ୍ଷତିପୂରଣ ପ୍ରଦାନ କରାଯିବ। ଯେଉଁ ଯାତ୍ରୀଙ୍କର ଉଡ଼ାଣ ଏୟାରଲାଇନ୍ କାରଣରୁ ରଦ୍ଦ ହୋଇଛି, ସେମାନେ କ୍ଷତିପୂରଣ ପାଇବାକୁ ହକଦାର୍। ଏହି କ୍ଷତିପୂରଣ ରାଶି ଫ୍ଲାଇଟ୍ ଦୂର୍, ଟିକେଟ୍ କ୍ଲାସ୍, ଏବଂ ଯାତ୍ରୀଙ୍କୁ ହୋଇଥିବା ଅସୁବିଧା ଆଧାରରେ ଦିଆଯିବ ।

## ଟ୍ରମ୍ପଙ୍କ 'ଗୋଲ୍ଡ କାର୍ଡ' ଯୋଜନା

# ୧୦ ଲକ୍ଷ ଡଲାରରେ ଆମେରିକୀୟ ନାଗରିକତା

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଦିନ ଘୋଷଣା କରିଛନ୍ତି ଯେ, ତାଙ୍କର ବହୁ ପ୍ରତୀକ୍ଷିତ ଗୋଲ୍ଡ କାର୍ଡ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି। ଏହି ଯୋଜନା ଅନ୍ତର୍ଗତ, ଜଣେ ବ୍ୟକ୍ତି ୧୦ ଲକ୍ଷ ଡଲାରଦେଇ ଆଇନଗତ ସ୍ଥିତି ଏବଂ ଶେଷରେ ଆମେରିକୀୟ ନାଗରିକତା ପାଇପାରିବେ। କମ୍ପାନୀଗୁଡ଼ିକ ପ୍ରତି କର୍ମଚାରୀଙ୍କୁ ୨୦ ଲକ୍ଷ ଡଲାର ଦେଇ ସେମାନଙ୍କର ବିଦେଶୀ କର୍ମଚାରୀଙ୍କ ପାଇଁ ସମାନ କାର୍ଯ୍ୟ କରିପାରିବେ। ଟ୍ରମ୍ପ୍ ହ୍ୱାଇଟ୍ ହାଉସରେ ଅନେକ ବ୍ୟବସାୟ ନେତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଆମେରିକାର ରାଷ୍ଟ୍ରପତି ଏହି ଯୋଜନା ଆରମ୍ଭ କରିବାକୁ ଚାହୁଁଛନ୍ତି କାରଣ ଏହା ଗ୍ରୀନ୍ କାର୍ଡ ଅପେକ୍ଷା ଅଧିକ ସୁବିଧା ପ୍ରଦାନ କରିବ । ଟ୍ରମ୍ପ୍ କହିଛନ୍ତି ଯେ, ଏହା ଆମେରିକାରେ ଥିବା କମ୍ପାନୀଗୁଡ଼ିକରେ




କାମ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏକ ବଡ଼ ଉପହାର ଭଳି । ଟଠମ୍ପ୍ କହିଛନ୍ତି, ମୋ ପାଇଁ ଏବଂ ଦେଶ ପାଇଁ ବହୁତ ଉତ୍ସାହଜନକ ଭାବରେ, ଆମେ ଟ୍ରମ୍ପ ଗୋଲ୍ଡ କାର୍ଡ ଲଞ୍ଚ କରିଛୁ । ଏହା କିଛି ପରିମାଣରେ ଏକ ଗ୍ରୀନ୍ କାର୍ଡ ପରି, କିନ୍ତୁ ଗ୍ରୀନ୍ କାର୍ଡ ଅପେକ୍ଷା ଅଧିକ ସୁବିଧା ଏହା ପ୍ରଦାନ କରିବ। କମ୍ପାନୀଗୁଡ଼ିକ ଏକ କାର୍ଡ କିଣିପାରିବେ ଏବଂ ଚାହୁଁଥିବା ବ୍ୟକ୍ତିଙ୍କୁ ଯୁକ୍ତରାଷ୍ଟ୍ରରେ ରଖିପାରିବେ । ଟ୍ରମ୍ପ୍ କହିଛନ୍ତି ଯେ, ଅନେକ କମ୍ପାନୀ ଏହି ପଦକ୍ଷେପକୁ ସ୍ୱାଗତ କରିବେ । ଏହା ଦେଶର ରାଜକୋଷ ପାଇଁ ଅତିରିକ୍ତ ରାଜସ୍ୱ ମଧ୍ୟ ସୃଷ୍ଟି କରିବ । ଉଲ୍ଲେଖନୀୟ, ବିଦେଶୀ ପୁଞ୍ଜିକୁ ଆକର୍ଷିତ କରିବା ପାଇଁ କଂଗ୍ରେସ ୧୯୯୦ମସିହାରେ EB-5 ଭିସା କାର୍ଯ୍ୟକ୍ରମ ପ୍ରଚଳନ କରିଥିଲା । ଯାହା ଦ୍ୱାରା ଆବେଦନକାରୀମାନେ ଅତି କମରେ ୧୦ ଟି ନିଯୁକ୍ତି ସୃଷ୍ଟି କରୁଥିବା ବ୍ୟବସାୟରେ ପ୍ରାୟ ୧୦ ଲକ୍ଷ ଆମେରିକୀୟ ଡଲାର ନିବେଶ କରି ଯୋଗ୍ୟତା ଅର୍ଜନ କରିପାରିବେ । ଏହି ନୂତନ ପଦକ୍ଷେପ ପୁରୁଣା କାର୍ଯ୍ୟକ୍ରମକୁ ବଦଳାଇବା ପାଇଁ ଉଦ୍ଦିଷ୍ଟ ।

# ସେନାକୁ ମିଳିବ ଅପଡେଟ୍ ଧ୍ରୁବ୍ ହେଲିକପ୍ଟର

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):**ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଭାରତୀୟ ନୌସେନାକୁ ମିଳିବ ଅପଡେଟ୍ ଧ୍ରୁବ ହେଲିକପ୍ଟର । ମିଳିଥିବା ସୂଚନା ଅନୁସାରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହି ଅପଡେଟ୍ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ, ଯାହା ପରେ ପ୍ରାୟ ଛଅ ମାସ ଭିତରେ ଆଧୁନିକ ହେଲିକପ୍ଟରଗୁଡ଼ିକୁ ଓଉଏ ଏବଂ ନୌସେନାକୁ ହସ୍ତାନ୍ତର କରାଯିବ । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସରେ, ଜାନୁଆରୀ ୫ରେ ତଟରକ୍ଷୀ ବାହିନୀ ଦ୍ୱାରା ପରିଚାଳିତ ଏକ ALH ଧ୍ରୁବ ହେଲିକପ୍ଟର ଦୁର୍ଘଟଣାର ତଦନ୍ତ କରୁଥିବା ତଦନ୍ତ କମିଟି ଅନେକ ସୁପାରିଶ କରିଛି । ତଦନ୍ତ କମିଟି ନୌସେନା ଏବଂ ତଟରକ୍ଷୀ ବାହିନୀ ହେଲିକପ୍ଟରଗୁଡ଼ିକର ସ୍ଥାୟୀତ୍ୱ ଉନ୍ନତି କରିବା ପାଇଁ ନନ୍-ରୋଟେଟିଂ ସ୍ୱାସ୍ଲେଟ୍ ବିୟରିଂ (NRASB) ର ନିର୍ମାଣ ପ୍ରକ୍ରିୟାରେ ଉନ୍ନତି ଆଣିବାକୁ ସୁପାରିଶ କରିଛି । ICG ଏବଂ ନୌସେନା ସହିତ ସେବାରେ ଥିବା ସମସ୍ତ ୨୮ ଧ୍ରୁବ ହେଲିକପ୍ଟରଗୁଡ଼ିକ ଆଗାମୀ କିଛି ମାସ ଭିତରେ ଅପଡେଟ୍ କରାଯିବ । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ବିଷୟରେ HAL ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ମନ୍ତବ୍ୟ ଦିଆଯାଇନି । ଏହି ବର୍ଷ ପୋରବନ୍ଦରରେ ICG-ପରିଚାଳିତ ଧ୍ରୁବ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ICG, ନୌସେନା, ସେନା ଏବଂ ଭାରତୀୟ ବାୟୁସେନାର ସମସ୍ତ ALH ବିମାନକୁ ଗ୍ରାଉଣ୍ଡ କରାଯାଇଥିଲା । ଦୁର୍ଘଟଣାରେ ବିମାନରେ ଥିବା ତିନି ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ଜାତୀୟ ସୁରକ୍ଷା ବୋର୍ଡ (NRSB) ଦୁର୍ଘଟଣାଗ୍ରସ୍ତ ଧ୍ରୁବ ବିମାନରେ ଫାଟ ପାଇଥିଲା । ଦୁର୍ଘଟଣାର ତଦନ୍ତ କରୁଥିବା କମିଟି ଜାଣିପାରିଲା ଯେ ନୌସେନା ଏବଂ ଭାରତୀୟ ନୌସେନାର ALH ବିମାନକୁ NRSBରେ ଉତ୍ପାଦନ ଅପଡେଟ୍ ଆବଶ୍ୟକ ଥିଲା । ଆଉ ଏବେ ଏହି ଅପଡେଟ୍ ହେଲିକପ୍ଟର ଭାରତୀୟ ତଟରକ୍ଷୀ ବାହିନୀ ଏବଂ ସେନାକୁ ମିଳିବାକୁ ଯାଉଛି ।

# ୧୨ ଭାଗରେ ବାଣ୍ଟି ହେବ ପାକିସ୍ତାନ !

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ପାକିସ୍ତାନକୁ ଏବେ ୧୨ଟି ରାଜ୍ୟରେ ବିଭକ୍ତ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଦେଶର ସୂଚନା ମନ୍ତ୍ରୀ ଅବଦୁଲ ଅଲିମ ଖାନ୍ କହିଛନ୍ତି ଯେ, ଦେଶକୁ ଏବେ ଛୋଟ ଛୋଟ ୧୨ଟି ରାଜ୍ୟର ବିଭକ୍ତ କରିବା ନିଶ୍ଚିତ ହୋଇଛି । ଏହା ଦ୍ୱାରା ଶାସନ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ସେ କହିଛନ୍ତି ଏହି କ୍ରମରେ ସିନ୍ଧ ଓ ପଞ୍ଜାବକୁ ୩ଟି ଲେଖାଏ ରାଜ୍ୟରେ ବିଭକ୍ତ କରାଯାଇପାରେ । ଏହିଭଳି ବେଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱାକୁ ମଧ୍ୟ ୩ଟି ଲେଖାଏ ରାଜ୍ୟରେ ବଣ୍ଟା ଯାଇପାରେ । ଆମ ପଡୋଶୀ ଦେଶଗୁଡିକରେ ଏକାଧିକ ଛୋଟ ଛୋଟ ରାଜ୍ୟ ରହିଛି । ତେଣୁ ପାକିସ୍ତାନରେ ମଧ୍ୟ ଏଭଳି ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ତେବେ ବିଲାୱଲ ଭୁଟ୍ଟୋଙ୍କ ପିପିପି ଏହାକୁ ଦୃଢ ବିରୋଧ କରିଛି । କେବଳ ଭଗବାନଙ୍କୁ ବାଦ୍ ଦେଲେ ସିନ୍ଧକୁ କେହି ଭାଗ କରିପାରିବେ ନାହିଁ ବୋଲି ସିନ୍ଧ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହା କହିଛନ୍ତି । ତେବେ ଏ ନେଇ ପାକିସ୍ତାନ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ମାନଚିତ୍ର ଜାରି କରାଯାଇନାହିଁ । କିନ୍ତୁ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ପଞ୍ଜାବକୁ ଉତ୍ତର, ମଧ୍ୟ ଓ ଦକ୍ଷିଣ ପଞ୍ଜାବ, ସିନ୍ଧକୁ କରାଚୀ ସିନ୍ଧ, ମଧ୍ୟ ସିନ୍ଧ ଓ ଉପର ସିନ୍ଧ, ଖାଇବର ପଖତୁନଖ୍ୱା (କେପି)କୁ ଉତ୍ତର କେପି, ଦକ୍ଷିଣ କେପି ଓ ଆଦିବାସୀ କେପ୍/ଫାଟା ଅଞ୍ଚଳ ଏବଂ ବେଲୁଚିସ୍ତାନକୁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଭାଗରେ ବିଭକ୍ତ କରାଯିବ ବୋଲି ଚର୍ଚ୍ଚା ହେଉଛି । ଏହି ପଦକ୍ଷେପ ପାକିସ୍ତାନ ପାଇଁ ଏକ କଣ୍ଟା ସାଜିପାରେ ।ପାକିସ୍ତାନ ସରକାର ଏହି ପଦକ୍ଷେପ ଏପରି ଏକ ସମୟରେ ନେଉଛନ୍ତି ଯେତେବେଳେ ବେଲୁଚିସ୍ତାନ ଏବଂ ଖାଇବର ପଖତୁନଖ୍ୱାରେ ସ୍ୱାଧୀନତା ପାଇଁ ଦାବି ଜୋରଦାର ହେଉଛି। ସେଠାକାର ଲୋକଙ୍କ ମଧ୍ୟରେ ଶାହବାଜ ସରିଫ ସରକାରଙ୍କ ବିରୁଦ୍ଧରେ ଯଥେଷ୍ଟ କ୍ରୋଧ ରହିଛି। ୧୯୪୭ ମସିହାରେ ଯେତେବେଳେ ପାକିସ୍ତାନ ସ୍ୱାଧୀନତା ପାଇଲା, ସେତେବେଳେ ଏଥିରେ ପାଞ୍ଚଟି ପ୍ରଦେଶ ଥିଲା: ପୂର୍ବ ବଙ୍ଗ, ପଶ୍ଚିମ ପଞ୍ଜାବ, ସିନ୍ଧ, ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ ଏବଂ ବେଲୁଚିସ୍ତାନ । ୧୯୭୧ ମସିହାରେ, ପୂର୍ବ ବଙ୍ଗ ଅଲଗା ହୋଇ ସ୍ୱାଧୀନ ବାଂଲାଦେଶ ରାଷ୍ଟ୍ର ହେଲା । ପଶ୍ଚିମ ପଞ୍ଜାବର ନାମ ପରିବର୍ତ୍ତନ କରି ପଞ୍ଜାବ ଏବଂ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶର ନାମ ପରିବର୍ତ୍ତନ କରି ଖାଇବର ପଖତୁନଖ୍ୱା ରଖାଗଲା । ତଥାପି, ସିନ୍ଧ ଏବଂ ବେଲୁଚିସ୍ତାନ ଅପରିବର୍ତ୍ତିତ ରହିଲା ।



# F-୧୬ ଅପଗ୍ରେଡ୍ ପାଇଁ ପାକିସ୍ତାନକୁ ୫୮୦୦ କୋଟି ଦେବ ଆମେରିକା

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):**ଆମେରିକା ପାକିସ୍ତାନକୁ ଏହାର F-16 ଲଢୁଆ ବିମାନକୁ ଅପଗ୍ରେଡ୍ କରିବା ପାଇଁ ୬୮୬ ନିୟୁତ ଡଲାର (ପ୍ରାୟ ୫୮୦୦ କୋଟି ଟଙ୍କା) ମୂଲ୍ୟର ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଯନ୍ତ୍ରାଂଶ ବିକ୍ରୟକୁ ଅନୁମୋଦନ କରିଛି । ଆମେରିକା ପ୍ରତିରକ୍ଷା ସୁରକ୍ଷା ସହଯୋଗ ଏଜେନ୍ସି (DSCA) ଏ ସମ୍ପର୍କରେ ଆମେରିକୀୟ କଂଗ୍ରେସକୁ ଏକ ଚିଠି ପଠାଇଛି । ପ୍ରସ୍ତାବିତ ବିକ୍ରୟକୁ ସମୀକ୍ଷା କରିବା ପାଇଁ କଂଗ୍ରେସ ପାଖରେ ୩୦ ଦିନ ସମୟ ଅଛି । ତଥାପି, ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ



ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଛି । ଏହା ବ୍ୟତୀତ, ଭାରତର ଚିନ୍ତାକୁ ଆଖି ଆଗରେ ରଖି, ଚିଠିରେ ଏହା ମଧ୍ୟ କୁହାଯାଇଛି ଯେ ଏହି ଚୁକ୍ତି ଏହି ଅଞ୍ଚଳରେ ସାମରିକ ସନ୍ତୁଳନକୁ ପ୍ରଭାବିତ କରିବ ନାହିଁ । ପାକିସ୍ତାନୀ ଖବରକାଗଜ ଡନରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ପ୍ୟାକେଜରେ ଲିଙ୍କ-୧୬ ଡାଟା ଲିଙ୍କ ସିଷ୍ଟମ, କ୍ରିପ୍ଟୋଗ୍ରାଫିକ୍ ଉପକରଣ (ଗୁପ୍ତ କୋଡ୍), ଏଭିଓନିକ୍ସ ଅପଡେଟ୍ (ବିମାନ ଇଲେକ୍ଟ୍ରୋନିକ୍ ସିଷ୍ଟମ), ପାଇଲଟ୍ ତାଲିମ ଏବଂ ଲଜିଷ୍ଟିକ୍ ସହାୟତା ଅନ୍ତର୍ଭୁକ୍ତ । ଏହି ପ୍ୟାକେଜ ବିମାନର ଜୀବନକାଳ ୧୫ ବର୍ଷ ବୃଦ୍ଧି କରିବ। ଅର୍ଥାତ ଏହି ଅପଗ୍ରେଡ୍ ପରେ ପାକିସ୍ତାନୀ ଏଫ-୧୬ର ଜୀବନକାଳ ୨୦୪୦ ପର୍ଯ୍ୟନ୍ତ ବୃଦ୍ଧି ପାଇବ । DSCA ହାଉସ ବାଚସ୍ପତି ମାଇକ୍ ଜନସନ୍, ସେନେଟ୍ ବୈଦେଶିକ ସମ୍ପର୍କ କମିଟି ଅଧ୍ୟକ୍ଷ ଜେମ୍ସ ରିସ୍ଚ ଏବଂ ହାଉସ ବୈଦେଶିକ ବ୍ୟାପାର କମିଟି ଅଧ୍ୟକ୍ଷ ବ୍ରାଏନ୍ ମାଷ୍ଟଙ୍କୁ ସୂଚିତ କରିଛି । ଏଜେନ୍ସି ଚିଠିଗୁଡ଼ିକରେ ଉଲ୍ଲେଖ କରିଛି ଯେ ଆମେରିକା ବାୟୁସେନା ପ୍ରାୟ ୬୮୬ ନିୟୁତ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ଏବଂ ସେବା ପାଇଁ ପାକିସ୍ତାନକୁ ଏକ ପ୍ରସ୍ତାବ ଏବଂ ସ୍ୱୀକୃତି ପତ୍ର ଜାରି କରିବାକୁ ଯାଉଛି ।

# ୧୦୦୦ଫୁଟ୍ ଗଭୀରକୁ ଖସିଲା ଟ୍ରକ୍, ୧୮ ମୃତ

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):**ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ଅରୁଣାଚଳ ପ୍ରଦେଶରୁ ଏକ ହୃଦୟବିଦାରକ ଖବର ଏବେ ସାମ୍ନାକୁ ଆସିଛି । ମିଳିଥିବା ସୂଚନା ମୁତାବକ ଭାରତ-ଚୀନ ସୀମା ନିକଟରେ ଶ୍ରମିକ ମାନଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ଏକ ଗଭୀର ଖାଇକୁ ଖସି ପଡ଼ିଛି । ଏହି ଟ୍ରକରେ ୨୧ ଜଣ ଶ୍ରମିକ ଥିଲେ । ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଘଟଣାରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ଏହି ଦୁର୍ଘଟଣା ଅରୁଣାଚଳ ପ୍ରଦେଶର ଭାରତ-ଚୀନ ସୀମା ନିକଟବର୍ତ୍ତୀ ହାୟୁଲିୟାଙ୍ଗ-ଚଗଲାଗାମ ରାସ୍ତାରେ ଘଟିଛି । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ରିପୋର୍ଟ ଅନୁଯାୟୀ, ୧୭ରୁ ଅଧିକ ଲୋକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଗୁରୁତରଙ୍କୁ ଉଦ୍ଧାର କରିବା ଅଧିକ ଚ୍ୟାଲେଞ୍ଜିଂ ହୋଇପଡିଛି । ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସନ୍ଦେହ କରାଯାଉଛି ଯେ, ଶ୍ରମିକ ମାନଙ୍କୁ ନେଇ ଯାଉଥିବା ଟ୍ରକଟି



ପାହାଡ଼ି ରାସ୍ତାରୁ ଖସି ପ୍ରାୟ ୧୦୦୦ ଫୁଟ ଗଭୀର ଗର୍ତ୍ତରେ ଖସି ପଡ଼ିଥିଲା । ଆହତ ଶ୍ରମିକ ମାନେ ନିର୍ମାଣ କାର୍ଯ୍ୟ ପାଇଁ ହାୟୁଲିଆଙ୍ଗକୁ ଯାତ୍ରା କରୁଥିଲେ । ଟ୍ରକଟି ପାହାଡିଆ ରାସ୍ତା ଅତିକ୍ରମ କରୁଥିବା ସମୟରେ ନିୟନ୍ତ୍ରଣ ହରାଇ ଗଭୀର ଘାଟି ଭିତରକୁ ଖସିପଡ଼ିଥିଲା । ଘଟଣା ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଅଧିକାରୀ ମାନେ ଉଦ୍ଧାରକାରୀ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ ।

# କୋଠା ଭୁଶୁଡି ୧୯ ମୃତ

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ମରକ୍କୋର ଫେଜ୍ ସହରରେ ଦୁଇଟି ବହୁମହଲା କୋଠା ଭୁଶୁଡ଼ି ପଡ଼ିବାରୁ ୧୯ ଜଣଙ୍କର ମୃତ୍ୟୁ ହୋଇଛି । ଭୁଶୁଡ଼ି ପଡ଼ିଥିବା କୋଠାଗୁଡ଼ିକରେ ଆଠଟି ପରିବାର ରହୁଥିଲେ । ଦୁର୍ଘଟଣାରେ ୧୬ ଜଣ ଆହତ ହୋଇବା ବେଳେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଭୁଶୁଡ଼ିବାର କାରଣ ଜଣାପଡ଼ି ନାହିଁ। ଫେଜ୍ ହେଉଛି ମରକ୍କୋର ଦ୍ୱିତୀୟ ବୃହତ୍ତମ ସହର ଏବଂ ଏହି ମାସରେ ହେବାକୁ ଥିବା ଆଫ୍ରିକା କପ୍ ଅଫ୍ ନେସନ୍ସ ଏବଂ ୨୦୩୦ ଫିଫା ବିଶ୍ୱକପ୍ ମଧ୍ୟ ଏଠାରେ ଅନୁଷ୍ଠିତ ହେଉଛି । ଫେସ୍ ସହର ଏହାର ପ୍ରାଚୀର ଘେରା ବସତି, ପ୍ରାଚୀନ ବଜାର ଏବଂ ଚମଡା ଚମଡା କାରଖାନା ପାଇଁ ପ୍ରସିଦ୍ଧ । ମେ ମାସରେ, ଏକ କୋଠା ଭୁଶୁଡ଼ି ପଡ଼ିବାରୁ ୧୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୭ ଜଣ ଆହତ ହୋଇଥିଲେ ।

# ସଂସଦରେ ବସି ଇ-ସିଗାରେଟ୍ ପିଉଛନ୍ତି ଟିଏମସି ସାଂସଦ

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):**ସଂସଦରେ ସିଗାରେଟ୍ ପିଉଛନ୍ତି ଟିଏମସି ସାଂସଦ । ଏଭଳି ଅଭିଯୋଗ ଆଣିଲେ ବିଜେପି ସାଂସଦ ଅନୁରାଗ ଠାକୁର । ଏବେ ଲୋକସଭାରେ ଶୀତକାଳୀନ ଅଧିବେଶନ ଚାଲିଛି । ପ୍ରତିଦିନ ବିଭିନ୍ନ ପ୍ରସଙ୍ଗକୁ ନେଇ ଦଳ ମୁହାଁମୁହିଁ ହେଉଛନ୍ତି । ଆଜି ବିଜେପି ସାଂସଦ ଅନୁରାଗ ଠାକୁରଙ୍କ ଏହି ବୟାନ ଗୃହରେ ହଟ୍ଟଗୋଳର କାରଣ ପାଲଟିଥିଲା ବୋଲି ଜଣାପଡ଼ିଛି। କୌଣସି ସାଂସଦଙ୍କ ନାମ ନେଇନଥିଲେ ବି ସାଂସଦଜଣଙ୍କ ତୃଣମୂଳ କଂଗ୍ରେସ(ଟିଏମସି)ର ବୋଲି ସେ କହିଛନ୍ତି । ଦେଶରେ ଇ-ସିଗାରେଟ୍ ନିଷିଦ୍ଧ ହୋଇସାରିଛି । ଆପଣ ଏହାକୁ ସଂସଦ ଭିତରକୁ ଆଣିବା ପାଇଁ ଅନୁମତି ଦେଇଛନ୍ତି କି ? ବୋଲି ଠାକୁର ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଚାରିଥିଲେ । ଯାହାର ଉତ୍ତରରେ ବିର୍ଲା କହିଥିଲେ ଯେ, ତାଙ୍କ ଦ୍ୱାରା ଏପରି କୌଣସି ଅନୁମତି ଦିଆଯାଇନାହିଁ। ଏହା ପରେ ଅନୁରାଗ ଠାକୁର କହିଥିଲେ ଯେ, ସାର୍ ଟିଏମସି ସାଂସଦ ନିରନ୍ତର ଧୂମପାନ କରିଆସୁଛନ୍ତି । ନିୟମ ଉଲ୍ଲଂଘନ ପାଇଁ ସାଂସଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଲୋକସଭା ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ । ଏହା ପରେ ନିୟମ ଉଲ୍ଲଂଘନ ପାଇଁ ଦୋଷୀ ସାବ୍ୟସ୍ତ ହେଲେ ଟିଏମସି ସାଂସଦଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିର୍ଲା ପ୍ରତିଶ୍ରୁତି ଦେଇଥିଲେ ।୨୦୧୯ ମସିହାରେ, କେନ୍ଦ୍ର ସରକାର ଭାରତରେ ଇ-ସିଗାରେଟ୍ ଉପରେ ପ୍ରତିବନ୍ଧକ ଲଗାଇଥିଲେ ।

# ଦିଲ୍ଲୀକୁ ସୁରକ୍ଷା ଦେବ ସ୍ୱଦେଶୀ ପ୍ରତିରକ୍ଷା ସିଷ୍ଟମ

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ଜାତୀୟ ରାଜଧାନୀ ଦିଲ୍ଲୀ ଏବଂ ଏନ୍ସିଆର୍ କ୍ଷେତ୍ରକୁ ମିସାଇଲ, ଡ୍ରୋନ୍ ଏବଂ ଯୁଦ୍ଧ ବିମାନ ଦ୍ୱାରା ଆକ୍ରମଣ ବିପଦରୁ ସୁରକ୍ଷା ଦେବା ପାଇଁ ଭାରତର ସ୍ୱଦେଶୀ ବହୁସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମ ଲଗାଯିବ । ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ ଏହି ପ୍ରୋଜେକ୍ଟ ଉପରେ ଜୋରଦାର କାମ ଚାଲିଛି । ବରିଷ୍ଠ ପ୍ରତିରକ୍ଷା ଅଧିକାରୀଙ୍କ ସୂଚନା ଅନୁସାରେ, ନୂଆ ଇଣ୍ଟିଗ୍ରେଟେଡ୍ ଏୟାର ଡିଫେନ୍ସ ୱିପନ୍ ସିଷ୍ଟମ (ଆଇଏଡିଡବ୍ଲ୍ୟୁଏସ୍) ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ଅସ୍ତ୍ରଶସ୍ତ୍ରରେ ପ୍ରସ୍ତୁତ ହେବ । ଏହି ସିଷ୍ଟମର ବଡ଼ ଭାଗରେ ଡିଆର୍ଡିଓ ଦ୍ୱାରା ବିକଶିତ କ୍ୟୁଆର୍ଏସ୍ଏଏମ୍ ମିସାଇଲ ଏବଂ ଭିଏସ୍ଏଚ୍ଓଆର୍ଏଡିଏସ୍ ରହିବ । ଏଥିସହ ବହୁ ପ୍ରକାରର ସେନ୍ସର, ରାଡାର, ଏକ ଅତ୍ୟାଧୁନିକ କଣ୍ଟ୍ରୋଲ ସିଷ୍ଟମ ଯୋଡ଼ାଯିବ । ଏହା ଦ୍ୱାରା ବିପଦ ଉପରେ ତୁରନ୍ତ ନଜର ରଖାଯାଇପାରିବ । ପୂରା ସିଷ୍ଟମକୁ ଭାରତୀୟ ବାୟୁସେନା ପରିଚାଳିତ କରିବ । ଗତ ଅଗଷ୍ଟ ୨୩ରେ ଆଇଏଡିଡବ୍ଲ୍ୟୁଏସର ସଫଳ ପରୀକ୍ଷଣ କରାଯାଇଛି । ଏହା ଏକ ବହୁ ସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମ । ଏହା ଶତ୍ରୁପକ୍ଷର ଆକାଶମାର୍ଗରୁ ହେଉଥିବା ଆକ୍ରମଣକୁ ରୋକିବ ।ଏହାକୁ ସୁଦର୍ଶନ ଚକ୍ର ମିଶନର ଏକ ଅଂଶ ବିବେଚନା କରାଯାଉଛି । ଏହା ଏକାଥରକେ ଛଡ଼ା ଯାଉଥିବା ଡ୍ରୋନ୍ ଆକ୍ରମଣକୁ ରୋକିବା ଲାଗି ରକ୍ଷାକବଚ ଭଳି କାମ କରିବ । ପରୀକ୍ଷଣ ବେଳେ ଏହି ସିଷ୍ଟମ ୨ ହାଇସ୍ପିଡ୍ ଫିକ୍ସ ୱିଙ୍ଗ୍ ଅନ୍ମ୍ୟାନ୍ ଡ୍ରୋନ, ମଲ୍ଟି କପ୍ଟର ଡ୍ରୋନ ସମେତ ୩ ଅଲଗା ଅଲଗା ଟାର୍ଗେଟକୁ ଆକ୍ରମଣ କରିଥିଲା ଏବଂ ଏକସଙ୍ଗରେ ସମସ୍ତ ଟାର୍ଗେଟକୁ ନଷ୍ଟ କରିପାରିଥିଲା ।



# ମାଲେସିଆ ପାମ୍ ଅଏଲ୍ କାଉନସିଲ୍ (ଏମ୍‌ପିଓସି) ପକ୍ଷରୁ ପୋଡକାଷ୍ଟ ସିରିଜ୍ ଆରମ୍ଭ

ଭୁବନେଶ୍ୱର, ୧୧।୧୨ (ନି.ପ୍ର) : ଖାଇବା ତେଲକୁ ନେଇ ଗ୍ରାହକଙ୍କ ଦ୍ୱନ୍ଦ୍ୱ ବୃଦ୍ଧି ଏବଂ ଅନଲାଇନ୍ ଭୁଲ ସୂଚନା ମଧ୍ୟରେ ମାଲେସିଆ ପାମ୍ ଅଏଲ୍ କାଉନସିଲ୍ (ଏମ୍‌ପିଓସି) ଏକ ନୂତନ ଛଅ ଭାଗର ପୋଡକାଷ୍ଟ ସିରିଜ୍ ଆରମ୍ଭ କରିଛି, ଯାହାର ଉଦ୍ଦେଶ୍ୟ ଭାରତୀୟ ପରିବାରଗୁଡ଼ିକୁ ସୂଚନାପୂର୍ଣ୍ଣ, ବିଜ୍ଞାନ ସମର୍ଥିତ ପସନ୍ଦ କରିବାରେ ସାହାଯ୍ୟ କରିବା । ଏହି ସିରିଜ୍ ଏମପିଓସିର ପୂର୍ବ ଡିଜିଟାଲ୍ ପଦକ୍ଷେପ ଉପରେ ଆଧାରିତ ଯାହା ମାଲେସିଆର ତାଳ ତେଲ ପଛରେ ଥିବା ପୁଷ୍ଟିକର ଖାଦ୍ୟ, ବିଜ୍ଞାନ ଏବଂ ସ୍ଥିରତାକୁ ସରଳ କରି ଲକ୍ଷ ଲକ୍ଷ ଭାରତୀୟ ଗ୍ରାହକଙ୍କ ନିକଟରେ ପହଂଚିଥିଲା ।



ସିରିଜର ପ୍ରଥମ ଦୁଇଟି ପୋଡକାଷ୍ଟ ଏପିସୋଡରେ ପୁଷ୍ଟିକର ବିଶେଷଜ୍ଞ ତଥା ନିର୍ମାତା ଲୀମା ମହାଜନ ଅତିଥି ଭାବରେ ଅଭିନୟ କରିଛନ୍ତି । ପୋଡକାଷ୍ଟ ସ୍ୱାସ୍ଥ୍ୟ, ଖାଦ୍ୟପେୟ ଚର୍ବି, ସ୍ଥିରତା ଏବଂ ବିଭ୍ରାନ୍ତିକର ମାର୍କେଟିଂ ଲେବଲ୍ ଉପରେ ପ୍ରମାଣ-ଆଧାରିତ ଅନ୍ତର୍ନିହିତ ସୂଚନା ସହିତ ସମ୍ପର୍କୀୟ ରୋଷେଇ ବାର୍ତ୍ତାଳାପକୁ ମିଶ୍ରଣ କରେ । ପ୍ରତ୍ୟେକ ଏପିସୋଡ୍ ବ୍ୟାପକ ଭାବରେ ପ୍ରସାରିତ ପୁରାଣକୁ ଭାଙ୍ଗିଥାଏ ଏବଂ ଶ୍ରୋତାମାନଙ୍କୁ ଦୈନନ୍ଦିନ ରୋଷେଇ ପାଇଁ ସ୍ପଷ୍ଟ, ବ୍ୟବହାରିକ ପଦକ୍ଷେପ ପ୍ରଦାନ କରେ ।

ପ୍ରଥମ ଏପିସୋଡରେ, ଲିମା ବଡ ପ୍ରଶ୍ନକୁ ସରଳ କରନ୍ତି, କେଉଁ ତେଲ ପ୍ରକୃତରେ ସ୍ୱାସ୍ଥ୍ୟକର ? କୌଣସି ଗୋଟିଏ ତେଲକୁ ହଟାଇବା ଉପରେ ସନ୍ତୁଳନ ଏବଂ ସ୍ମାର୍ଟ ରନ୍ଧନ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇ । ସେ ପାମ୍ ତେଲର ବିଜ୍ଞାନ-ସମର୍ଥିତ ଲାଭ ଏବଂ ଘରେ ତେଲ ଘୂର୍ଣ୍ଣନ କରିବାର ଗୁରୁତ୍ୱ ଉପରେ ସଂକ୍ଷେପରେ ସ୍ପର୍ଶ କରିଛନ୍ତି । ପରବର୍ତ୍ତୀ ଏପିସୋଡରେ, ସେ ବଢୁଥିବା 'ନୋ ପାମ୍ ଅଏଲ୍' ଲେବଲ୍ ଗୁଡ଼ିକୁ ଭାଙ୍ଗି ଦେଇଛନ୍ତି, ସେମାନେ କାହିଁକି ପ୍ରାୟତଃ ଭୟଭୀତ ଏବଂ ବିଭ୍ରାନ୍ତିକର ଅଟନ୍ତି ତାହା ବ୍ୟାଖ୍ୟା କରିଛନ୍ତି । ସେ ଦର୍ଶକମାନଙ୍କୁ ଆଗ ପ୍ୟାକେଟ୍ ଦାବି ବାହାରେ ଦେଖିବା ଏବଂ ପ୍ରକୃତରେ ଏକ ଉତ୍ପାଦକୁ ସୁସ୍ଥ କରିବା କ'ଣ ତାହା ବୁଝିବାକୁ ଅନୁରୋଧ କରନ୍ତି ।

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଗ୍ରୀଡ଼କୋ ଏବଂ ଏନଟିୟୁ ସିଙ୍ଗାପୁର ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ସମ୍ପ୍ରତି ନବୀକରଣୀ ଯୋଗ୍ୟ ଶକ୍ତିର ପ୍ରମୁଖ କ୍ଷେତ୍ର - ବ୍ୟାଟେରୀ ଶକ୍ତି ସଂରକ୍ଷଣ, ମାଇକ୍ରୋଗ୍ରୀଡ୍ସ, ଅପଚୟରୁ ଶକ୍ତି ଏବଂ କୃଷି-ଫଟୋ ଭୋଲଟାଇକ୍ସରେ ଚାରୋଟି ପ୍ରମୁଖ ନିୟୋଜନ ପ୍ରକଳ୍ପକୁ ଆଗକୁ ବଢ଼ାଇବା ପାଇଁ ଗ୍ରୀଡ଼କୋ ଲିମିଟେଡ୍ ଏବଂ ସିଙ୍ଗାପୁରର ନାନ୍ୟାଙ୍ଗ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଏନଟିୟୁ) ସହିତ ଏକ ଐତିହାସିକ ଗବେଷଣା ସହଯୋଗ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ସହଯୋଗ ପ୍ରୋଟୋଟାଇପ୍ ବିକାଶ, କ୍ଷେତ୍ର ନିୟୋଜନ ଏବଂ ବାଣିଜ୍ୟିକ-ସ୍ତରରେ କାର୍ଯ୍ୟାନ୍ୱୟନକୁ ସକ୍ଷମ କରିବା ପାଇଁ ପ୍ରସ୍ତୁତ, ଯାହା ଭାରତର ନବୀକରଣୀୟ ଶକ୍ତି ଇକୋସିଷ୍ଟମକୁ, ବିଶେଷକରି ପୂର୍ବ କ୍ଷେତ୍ରରେ, ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



ଆଇଆଇଟି ଭୁବନେଶ୍ୱର ଅତ୍ୟାଧୁନିକ ଗବେଷଣା ଏବଂ ବିକାଶ ଭିତ୍ତିଭୂମି ବିକାଶ କରି ଏବଂ ରଣନୈତିକ ଆନ୍ତର୍ଜାତୀୟ ସହଭାଗୀତାକୁ ପ୍ରୋତ୍ସାହିତ କରି ଏକ ଜାତୀୟ ନବୀକରଣୀୟ ଶକ୍ତି କେନ୍ଦ୍ର ଭାବରେ ସ୍ଥିର ଭାବରେ ନିଜକୁ ସ୍ଥାନିତ କରୁଛି। ଏହି ସହଯୋଗ ମାଧ୍ୟମରେ, ପ୍ରତିଷ୍ଠାନ ଏପରି ପରିବର୍ତ୍ତନକାରୀ ପଦକ୍ଷେପଗୁଡ଼ିକୁ ନେତୃତ୍ୱ ଦେବାକୁ ଲକ୍ଷ୍ୟ ରଖିଛି ଯାହା ଦେଶର ଭବିଷ୍ୟତର ଶକ୍ତି ପରିଦୃଶ୍ୟକୁ ଆକାର ଦେବ ଏବଂ ଓଡ଼ିଶା ସରକାରଙ୍କ ଶକ୍ତି-ପରିବର୍ତ୍ତନ ଲକ୍ଷ୍ୟକୁ ସମର୍ଥନ କରିବ।

ଏହି ଦୃଷ୍ଟିକୋଣକୁ ଆଗକୁ ବଢାଇ, ଆଇଆଇଟି ଭୁବନେଶ୍ୱର, ଗ୍ରୀଡ଼କୋ ଲିମିଟେଡ୍, ଆଭାଡା ଏବଂ ରିନ୍ୟୁ ପ୍ରାଇଭେଟ ଲିମିଟେଡ୍ ମଧ୍ୟରେ ଗ୍ରୀନ୍ ହାଇଡ୍ରୋଜେନ୍‌ରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରସ୍ତାବିତ କେନ୍ଦ୍ରଟି ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଟ୍ରାନ୍ସଲେସନାଲ ଗବେଷଣା, ଉଦ୍ୟୋଗୀତା ଏବଂ ବାଣିଜ୍ୟିକୀକରଣଯୋଗ୍ୟ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଧ୍ୟାନ ଦେବ। ଏହି ପଦକ୍ଷେପ ନବସୃଜନକୁ ଉତ୍ତେଜିତ କରିବ, ଏକ ଦୃଢ଼ ଗବେଷଣା ଏବଂ ଶିଳ୍ପ ଇକୋସିଷ୍ଟମ ସୃଷ୍ଟି କରିବ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନେଟ୍-ଜିରୋ ନିର୍ଦ୍ଦେଶ ସହିତ ସଂଯୁକ୍ତ ଶକ୍ତି ପରିବର୍ତ୍ତନ ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ଓଡ଼ିଶାର ଉଦୟକୁ ତ୍ୱରାନ୍ୱିତ କରିବ। ପୁରୀରେ ୫ ରୁ ୭ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ଶିଖର ସମ୍ମିଳନୀ (ଜିଇଏଲଏସ-୨୫) ସମୟରେ ଏହି ବୁଝାମଣାପତ୍ର ଗୁଡ଼ିକ ଆନୁଷ୍ଠାନିକ ଭାବରେ ସ୍ୱାକ୍ଷରିତ ହୋଇଥିଲା। ଏହି ସମାରୋହରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏବଂ ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବ (ଶକ୍ତି) ବିଶାଳ କୁମାର ଦେବ ଯୋଗ ଦେଇଥିଲେ। ଏହି ଅବସରରେ ସହଭାଗୀ ସଂଗଠନ ଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ - ଗ୍ରୀଡ଼କୋର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସତ୍ୟପ୍ରିୟ ରଥ; ଆଭାଡାର ସଭାପତି ଶ୍ରୀ ପ୍ରଶାନ୍ତ ଚୌବେ; ରିନ୍ୟୁର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଶ୍ରୀ ବିବେକ ଜୟସ୍ୱାଲ; ଏବଂ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପ୍ରଫେସର ଚନ୍ଦ୍ରଶେଖର ଏନ. ଭେଣ୍ଡେ, ଡିନ୍ (ପ୍ରାୟୋଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶ-ପ୍ରଭାରୀ); ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ପ୍ରମୁଖ ଗବେଷଣାକାରୀ; ଏବଂ ସହ-ପ୍ରମୁଖ ଗବେଷଣାକାରୀ ପ୍ରଫେସର ଉମାପ୍ରସନ୍ନା ଓଝା ମଧ୍ୟ ଉପସ୍ଥିତ ଥିଲେ।

ଏହି ସହଯୋଗୀ ପଦକ୍ଷେପଗୁଡ଼ିକ ମିଳିତ ଭାବରେ ନବୀକରଣୀୟ ଶକ୍ତି ଗବେଷଣା, ନବସୃଜନ ଏବଂ ବୃହତ ପରିମାଣର ନିୟୋଜନକୁ ପରିଚାଳନା କରିବା ପାଇଁ ଆଇଆଇଟି ଭୁବନେଶ୍ୱରର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ, ଯାହା ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଏବଂ ଭାରତର ନେତୃତ୍ୱକୁ ଆଗକୁ ବଢାଇଥାଏ।

# ଜେସିବି ଇଣ୍ଡିଆ ଏକ୍ସକନ୍ ସର୍ବବୃହତ ୫୨ ଟନ୍ ଓଜନର ଏକ୍ସକାଭେଟର ଉନ୍ମୋଚିତ

ଭୁବନେଶ୍ୱର, ୧୧।୧୨ (ନି.ପ୍ର) : ଜେସିବି ଇଣ୍ଡିଆ ଆଜି ଦକ୍ଷିଣ ଏସିଆର ସର୍ବବୃହତ ନିର୍ମାଣ ଉପକରଣ ପ୍ରଦର୍ଶନୀ ଏକ୍ସକନ୍ ୨୦୨୫ରେ ବୈଷୟିକ ଜ୍ଞାନକୌଶଳ ଦୃଷ୍ଟିରୁ ଉନ୍ନତ ମେସିନ୍ ଏବଂ ଡିଜିଟାଲ୍ ସମାଧାନର ଏକ ନୂତନ ପୋର୍ଟଫୋଲିଓ ଲଂଚ କରିବାକୁ ଘୋଷଣା କରିଛି। ଏହି ପ୍ରଦର୍ଶନୀ ଗ୍ରାହକଙ୍କ ଦ୍ୱାରା



ପରିଚାଳିତ ଉଦ୍ଭାବନ ଏବଂ ସମନ୍ୱିତ ସହାୟତା ସମାଧାନ ଉପରେ କମ୍ପାନୀର ଅବିରତ ଧ୍ୟାନକୁ ପ୍ରତିଫଳିତ କରେ - ଯାହା ନିର୍ମାଣ ଏବଂ ଭିତିଭୂମି ଉପକରଣ କ୍ଷେତ୍ରରେ ଜେସିବିର ନେତୃତ୍ୱକୁ ଦୃଢ଼ୀଭୂତ କରେ। ଜେସିବି ଇଣ୍ଡିଆ ଏକ୍ସକନ୍ ୨୦୨୫ରେ ୧୦ରୁ ଅଧିକ ନୂତନ ଉତ୍ପାଦ ଲଂଚ୍ କରୁଛି, ଯାହା କମ୍ପାନୀର ସବୁଠାରୁ ବଡ ପ୍ରଦର୍ଶନୀ ମଧ୍ୟରୁ ଗୋଟିଏ ହେବ । ନୂତନ ଉତ୍ପାଦଗୁଡ଼ିକ ମଧ୍ୟରେ ରହିଛି ୫୨ ଟନ୍ ଓଜନର ଏକ୍ସକାଭେଟର, ଭାରତରେ ଉତ୍ପାଦିତ ଜେସିବିର ସବୁଠାରୁ ବଡ ଏକ୍ସକାଭେଟର, ଯାହା ଘରୋଇ ଏବଂ ବିଶ୍ୱ ବଜାରକୁ ରପ୍ତାନୀ କରାଯିବ, ଉନ୍ନତ ବ୍ୟାକହୋ ଲୋଡର୍ସ, ଅତ୍ୟାଧୁନିକ ଏକ୍ସକାଭେଟର ରେ (୨-୫ ଟନ୍), ଏବଂ ଅନେକ ବୈଷୟିକ ଜ୍ଞାନକୌଶଳରେ ଆଧାରିତ ଶିଳ୍ପ-ପ୍ରଥମ ସମାଧାନ । ଏହା ଲଂଚ୍ କରିବା ସମୟରେ, ଜେସିବି ଇଣ୍ଡିଆର ସିଇଓ ଏବଂ ଏମଡି ଶ୍ରୀ ଦୀପକ ଶେଟ୍ଟୀ କହିଛନ୍ତି, 'ଏକ୍ସକନ୍ ହେଉଛି ଏକ ଫୋରମ୍ ଯାହା ଗ୍ରାହକ, ନୀତି ନିର୍ଦ୍ଧାରକ, ଠିକାଦାର, ଅର୍ଥ ଯୋଗାଣକାରୀ, ଯୋଗାଣକାରୀ ଏବଂ ପ୍ରଯୁକ୍ତିବିତଙ୍କୁ ଏକାଠି କରି ରଣନୈତିକ ସହଯୋଗ ଏବଂ ଦୀର୍ଘମିଆଦୀ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଏକ ପରିବେଶ ସୃଷ୍ଟି କରିଥାଏ। ଜେସିବି ଭାରତରୁ ୧୩୫ ରୁ ଅଧିକ ଦେଶକୁ ରପ୍ତାନି କରେ ଏବଂ ଏହି ବର୍ଷ ଆମର ଦକ୍ଷିଣ ଏସିଆ, ଆଫ୍ରିକା ଅଂଚଳ ଏବଂ ଦକ୍ଷିଣ-ପୂର୍ବ ଏସିଆରୁ ମଧ୍ୟ ଗ୍ରାହକ ଆସିଛନ୍ତି। ଏକ୍ସକନ୍ ଆମକୁ ବିକାଶଶୀଳ ବଜାରର ଆବଶ୍ୟକତା ବୁଝିବାକୁ ଏବଂ ଆମର ସର୍ବଶେଷ ସମାଧାନ କିପରି ବିଶ୍ୱ ଏବଂ ଭାରତର ଭିତିଭୂମି ଚାହିଦା ସହିତ ସମାନତା ରଖେ ତାହା ପ୍ରଦର୍ଶନ କରିବାକୁ ଅନୁମତି ଦେଇଥାଏ।

# ଭଲଭୋ ସିଇ ଇଣ୍ଡିଆ ପକ୍ଷରୁ ଇସି୨୧୫ର ଶୁଭାରମ୍ଭ

ଭୁବନେଶ୍ୱର, ୧୧।୧୨ (ନି.ପ୍ର) : ଭଲଭୋ କନଷ୍ଟ୍ରକ୍ସନ ଇକ୍ୟୁପମେଂଟ ଇଣ୍ଡିଆ ପକ୍ଷରୁ ଦକ୍ଷିଣ ଏସିଆର ସର୍ବବୃହତ ନିର୍ମାଣ ଉପକରଣ କାର୍ଯ୍ୟକ୍ରମ, ଏକ୍ସକନ ୨୦୨୫ରେ ଏହାର ଅଲ-ନ୍ୟୁ ଇସି୨୧୫ର ଶୁଭାରମ୍ଭ କରାଯାଇଛି। ଗତ ବର୍ଷ ଇସି୨୧୦ର ସଫଳ ଶୁଭାରମ୍ଭ ପରେ, ଇସି୨୧୫ ଭାରତ ପାଇଁ ଉଦ୍ଦିଷ୍ଟ ଉଚ୍ଚ-ଦକ୍ଷତା ମିଡିୟମ ଏକ୍ସକାଭେଟର ପ୍ରଦାନ କରିବାରେ ଭୋଲଭୋ ସିଇର ପରବର୍ତ୍ତୀ ପଦକ୍ଷେପ। 'ଜ୍ୟାଦାକାଓ୍ୱାଦା' ଟ୍ୟାଗଲାଇନ୍ ସହିତ ଇସି୨୧୫ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ଇନ୍ଧନ-ଦକ୍ଷତା, ମୂଲ୍ୟ ଏବଂ ଅପଟାଇମ୍ ପ୍ରଦାନ କରୁଥିବା ୨୦-୨୨ଟି କ୍ଲାସ ଏକ୍ସକାଭେଟର ମଧ୍ୟରେ ଅଧିକର ଦର୍ଶନକୁ ବିସ୍ତାର କରୁଛି। ଏହି ପ୍ରଦର୍ଶନୀରେ ଭଲଭୋ ସିଇ ଦେଶର ନିର୍ମାଣ, ଖଣି ଏବଂ ସାମଗ୍ରୀ-ପରିଚାଳନା ଅଭିବୃଦ୍ଧିର ପରବର୍ତ୍ତୀ ଲହରକୁ ଶକ୍ତିଶାଳୀ କରିବା ପାଇଁ ଡିଜାଇନ୍ କରାଯାଇଥିବା ଉତ୍ପାଦ ଏବଂ ସେବାଗୁଡ଼ିକର ଏକ ଶୃଙ୍ଖଳ ଉନ୍ମୋଚନ କରିଛି। ଭାରତ-କେନ୍ଦ୍ରିକ ପୋର୍ଟଫୋଲିଓକୁ ସୁଦୃଢ଼ କରି, ଭଲଭୋ ସିଇ ନୂତନ ଏସଡି୧୧୦ କମ୍ପାକ୍ଟର ଉପସ୍ଥାପନ କରିଛି, ଯାହା ରାସ୍ତା ନିର୍ମାଣ ଏବଂ କମ୍ପାକ୍ସନ ଆବଶ୍ୟକତା ପାଇଁ ଦୀର୍ଘକାଳୀନ ନିର୍ଭରଯୋଗ୍ୟତା ଏବଂ ଉଚ୍ଚ ଆରଓଆଇ ପ୍ରଦାନ କରୁଛି। ଏହା ପରେ ଏଲ୧୨୦ ଇଲେକ୍ଟ୍ରିକ୍ ହ୍ୱିଲ ଲୋଡର ଉନ୍ମୋଚନ କରାଯାଇଥିଲା, ଯାହା ଭାରତର ସବୁଠାରୁ ଉନ୍ନତ ହ୍ୱିଲ ଲୋଡର ଯାହା ବର୍ତ୍ତମାନ ବାଣିଜ୍ୟିକ ଭାବରେ ଉପଲବ୍ଧ। ଏହା ବ୍ରାଣ୍ଡର ଶୂନ୍ୟ ନିର୍ଗମନ, ମୂଲ୍ୟ-ଦକ୍ଷ ନିର୍ମାଣ ସମାଧାନ ଆଡ଼କୁ ପରିବର୍ତ୍ତନକୁ ମଜବୁତ କରୁଛି। ଶେଷରେ ଭାରତରେ ପ୍ରଥମ କରି ଇସି୬୫୦ ର ପ୍ରାକ-ଶୁଭାରମ୍ଭ ପ୍ରକାଶ ସହିତ ପ୍ରଦର୍ଶନ ଶେଷ ହୋଇଥିଲା । ଏହି ପ୍ରଦର୍ଶନୀ ଭବିଷ୍ୟତ ପାଇଁ



ପ୍ରସ୍ତୁତ, ଭାରତ-କେନ୍ଦ୍ରିକ ଇନିୟରିଂ ଏବଂ ସ୍ଥାୟୀତ୍ୱ-ଚାଳିତ ସମାଧାନଗୁଡ଼ିକୁ ଆଲୋକିତ କରିଛି।

ଏହି କାର୍ଯ୍ୟକ୍ରମରେ ମତବ୍ୟକ୍ତ କରି ଭଲଭୋ ସିଇ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡିମିଟ୍ରୋଭ କ୍ରିଷ୍ଣନ କହିଛନ୍ତି, 'ଏକ୍ସକନ ୨୦୨୫ ଭାରତୀୟ ବଜାରର ପ୍ରକୃତ ଆବଶ୍ୟକତାକୁ ପୂରଣ କରୁଥିବା ସମାଧାନ ପ୍ରଦାନ କରିବା ଉପରେ ଆମର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି। ଇସି୨୧୫ ସାରା ଭାରତରେ କାର୍ଯ୍ୟ କରୁଥିବା ଗ୍ରାହକମାନଙ୍କଠାରୁ ସଂଗୃହୀତ ଅନ୍ତର୍ଦୃଷ୍ଟି ଉପରେ ନିର୍ମିତ। ଏହା ଶକ୍ତିଶାଳୀ ଉତ୍ପାଦକତା ଏବଂ ଉନ୍ନତ ଇନ୍ଧନ ଦକ୍ଷତା ପ୍ରଦାନ କରେ। ପ୍ରଦର୍ଶନରେ ଆମର କମ୍ପାକ୍ଟର ଏବଂ ବୈଦ୍ୟୁତିକ ହ୍ୱିଲ ଲୋଡର ସହିତ, ଆମେ ଗ୍ରାହକମାନଙ୍କୁ ସମୟ ସହିତ ନିର୍ଗମନ ଏବଂ ପରିଚାଳନା ଖର୍ଚ୍ଚ ହ୍ରାସ କରୁଥିବା ପ୍ରଯୁକ୍ତିବିଦ୍ୟା ଆଡକୁ ଦାୟିତ୍ୱପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବାକୁ ସକ୍ଷମ କରୁଛୁ। ଉପକରଣ ବ୍ୟତୀତ, ଭୋଲଭୋ ସିଇ ଏହାର ସାମଗ୍ରିକ ସେବା ଇକୋସିଷ୍ଟମ ପ୍ରଦର୍ଶନ କରି ଏକ ନିମଜ୍ଜିତ ବ୍ରାଣ୍ଡ ଅଭିଜ୍ଞତା ସୃଷ୍ଟି କରିଛି, ଯେଉଁଥିରେ ଇକ୍ୟୁପମେଂଟ-ଆଜ୍-ଏ-ସର୍ଭିସ୍ ସୁବିଧା, ଡିଜିଟାଲ୍ ମେସିନ୍ ମନିଟରିଂ, ଅପରେଟର ଦକ୍ଷତା ବିକାଶ ଉପକରଣ, ଉତ୍ପାଦକତା ପରିଚାଳନା ସମାଧାନ ଏବଂ ଲାଇଭ୍ ସପୋର୍ଟ ସେବା ଅନ୍ତର୍ଭୁକ୍ତ। ଏହି ବ୍ୟାପକ ସମାଧାନଗୁଡ଼ିକ ଫ୍ଲିଟ୍ ବ୍ୟବହାରକୁ ସର୍ବାଧିକ କରିବା, ଡାଉନଟାଇମ କମ କରିବା ଏବଂ ଉପକରଣ ଜୀବନଚକ୍ରରେ ନିର'ର ମେସିନ୍ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଭୋଲଭୋ ସିଇ ବେଙ୍ଗାଲୁରୁରେ ଏହାର ଆଗାମୀ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରର ଅଗ୍ରଗତି ଘୋଷଣା କରିଛି, ଯାହା ଭାରତ ଏବଂ ବିଶ୍ୱ ବଜାର ଉଭୟ ପାଇଁ ଗବେଷଣା ଏବଂ ବିକାଶ, ସ୍ଥାନୀୟକରଣ ଏବଂ ଉତ୍ପାଦ ବିକାଶ ଉପରେ ଧ୍ୟାନ ଦେବ।

# ଏକ୍ସକନ-୨୦୨୫ରେ ଟାଟା ହିଟାଚି ପକ୍ଷରୁ ଅତ୍ୟାଧୁନିକ ମେସିନ ପ୍ରଦର୍ଶିତ

ଭୁବନେଶ୍ୱର, ୧୧।୧୨ (ନି.ପ୍ର) : ଭାରତର ପ୍ରମୁଖ ନିର୍ମାଣ ଯନ୍ତ୍ରପାତି ନିର୍ମାତା, ଟାଟା ହିଟାଚି ଦକ୍ଷିଣ ଏସିଆର ସର୍ବବୃହତ ନିର୍ମାଣ ଉପକରଣ ପ୍ରଦର୍ଶନୀ, ଏକ୍ସକନ-୨୦୨୫ ରେ 'ନିର୍ଭରଯୋଗ୍ୟ ଅରେ' ବିଷୟବସ୍ତୁ ଅଧୀନରେ ଆନୁଷ୍ଠାନିକ ଭାବରେ ଏହାର ପାଭିଲିୟନ୍ ଖୋଲିଛି। ଜାପାନର ହିଟାଚି କନଷ୍ଟ୍ରକ୍ସନ ମେସିନାରୀ ପ୍ରତିନିଧି କାର୍ଯ୍ୟନିର୍ବାହୀ ଅଧିକାରୀ, ସଭାପତି ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସିଓଓ ଶ୍ରୀ ମାସାଫୁମି ସୋକି ଏକ୍ସକନ ୨୦୨୫ ରେ ଟାଟା ହିଟାଚି ପାଭିଲିୟନର ଉଦଘାଟନ କରିଛନ୍ତି। ଚଳିତ ବର୍ଷର ଥିମ୍ 'ଭରସାଯୋଗ୍ୟ ଅରେ' ଟାଟା ହିଟାଚିର ଗୁଣବତା, ସ୍ଥାୟୀତ୍ୱ, ନିର୍ଭରଯୋଗ୍ୟତା ଏବଂ ସ୍ଥିର କାର୍ଯ୍ୟଦକ୍ଷତାର ଅଟଳ ପ୍ରତିଶ୍ରୁତିକୁ ଉଜ୍ଜ୍ୱଳ କରିଛି । କମ୍ପାନୀ ୧୨୦,୦୦୦ ରୁ ଅଧିକ ମେସିନ୍ ବିକ୍ରୟ ସହିତ ଏହାର ଯାତ୍ରା ଜାରି ରଖିଥିବାରୁ, ଏହା ଇନିୟରିଂ ଉତ୍କର୍ଷତା ଏବଂ ଗ୍ରାହକଙ୍କ ବିଶ୍ୱାସର ଐତିହ୍ୟକୁ ସୁଦୃଢ଼ କରୁଛି। ଟାଟା ହିଟାଚିର ପୋର୍ଟଫୋଲିଓ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ଇନ୍ଧନ ଦକ୍ଷତା ପ୍ରଦାନ କରିବା ପାଇଁ ସ୍ୱୀକୃତ, ଯାହା ଗ୍ରାହକମାନଙ୍କୁ ଉତ୍ପାଦକତା, କାର୍ଯ୍ୟଦକ୍ଷତା ଏବଂ ସ୍ଥାୟୀତ୍ୱ ବୃଦ୍ଧି କରିବା ସହିତ ପରିଚାଳନା ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ




କରିବାରେ ସକ୍ଷମ କରିଥାଏ। ଏସମ୍ପର୍କରେ ଜାପାନର ହିଟାଚି କନଷ୍ଟ୍ରକ୍ସନ ମେସିନାରୀ ପ୍ରତିନିଧି କାର୍ଯ୍ୟନିର୍ବାହୀ ଅଧିକାରୀ, ସଭାପତି ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସିଓଓ ଶ୍ରୀ ମାସାଫୁମି ସୋକି କହିଛନ୍ତି, 'ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ନିର୍ମାଣ ବଜାର ମଧ୍ୟରୁ ଗୋଟିଏ, ଏବଂ ଟାଟା ହିଟାଚି ସହିତ ଆମର ସହଯୋଗ ଆମକୁ ବିଶ୍ୱସ୍ତରୀୟ ଯନ୍ତ୍ରପାତି ଏବଂ ନିର୍ଭରଯୋଗ୍ୟ ସମର୍ଥନ ସହିତ ଭାରତୀୟ ଗ୍ରାହକଙ୍କ ଆଶା ପୂରଣ କରିବାକୁ ସକ୍ଷମ କରିଥାଏ। ଏକ୍ସକନ ୨୦୨୫ ରେ ପ୍ରଦର୍ଶିତ ଉଦ୍ଭାବନ ସହିତ, ଆମେ ଗ୍ରାହକମାନଙ୍କୁ ଏପରି ମେସିନ ସହିତ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ଯାହା ଉଚ୍ଚ ଉତ୍ପାଦନ, କମ ପରିଚାଳନା ଖର୍ଚ୍ଚ ଏବଂ ଦୀର୍ଘକାଳୀନ ନିର୍ଭରଯୋଗ୍ୟତା ପ୍ରଦାନ କରେ।

ଟାଟା ହିଟାଚିର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ସନ୍ଦୀପ ସିଂହ କହିଛନ୍ତି, 'ଏକ୍ସକନ ନିର୍ମାଣ ଉପକରଣ ଶିଳ୍ପ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହୋଇ ରହିଛି, ଏବଂ ଆମେ 'ଭରସାଯୋଗ୍ୟ ଅରେ' ଥିମ୍ ଅଧୀନରେ ଆମର ବିସ୍ତାରିତ ପୋର୍ଟଫୋଲିଓ ପ୍ରଦର୍ଶନ କରିବାକୁ ଗର୍ବିତ। ବୈଦ୍ୟୁତିକ ମେସିନ୍, ନୂଆ ଆଟାଚମଂଟେ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଲାଇଭ୍ ପ୍ରଦର୍ଶନ ସହିତ, ଆମେ ଭାରତର ନିର୍ମାଣ ଇକୋସିଷ୍ଟମର ଭବିଷ୍ୟତକୁ ଗଠନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛୁ। ଏହି ପ୍ରଦର୍ଶନୀ ପରିଦର୍ଶକମାନଙ୍କୁ ବାସ୍ତବ ପ୍ରୟୋଗ ପରିସ୍ଥିତିରେ ମେସିନ୍ କ୍ଷମତା, ଦକ୍ଷତା ଏବଂ ଅପରେଟର ଆରାମ ବିଷୟରେ ଏକ ପ୍ରତ୍ୟକ୍ଷ ବୁଝାମଣା ପ୍ରଦାନ କରିବ। ସେମାନେ ଏହା ମଧ୍ୟ ଆଲୋକପାତ କରିବେ ଯେ ସ୍ମାର୍ଟ ସିଷ୍ଟମ୍, ଅଟୋମେସନ ଏବଂ ସଠିକ୍ ପ୍ରଯୁକ୍ତିବିଦ୍ୟା କିପରି କାର୍ଯ୍ୟସ୍ଥଳୀରେ ଉତ୍ପାଦକତା ଏବଂ ସୁରକ୍ଷାକୁ ପରିବର୍ତ୍ତନ କରୁଛି।


ଟାଟା ହିଟାଚି ମଧ୍ୟ ଏକ୍ସକନ ୨୦୨୫ ରେ ଶୁଭାରମ୍ଭ କରିଥିବା ମେସିନ୍ ଏବଂ ଆଟାଚମେଂଟ ମଧ୍ୟରେ ରହିଛି ଜେଡଏକ୍ସଆଇଏସ ୮୯୦, ଇଏକ୍ସ୨୧୦ ଏଲସି ଇଲେକ୍ଟ୍ରିକ, ସୋଲାର ପ୍ୟାନେଲ ଲିଫ୍ଟର, କ୍ରସର ବକେଟ, ସ୍ମାର୍ଟ ଏସଏମ୨୩୦ ରକ ବ୍ରେକର, ମ୍ୟାଗ୍ନମ ସିରିଜ ରକ ବ୍ରେକର, ରିପର ଟୁଥ,ଟିଲ୍ଟ କୁପର ଏବଂ ମିନି ଏକ୍ସକାଭେଟର ଗ୍ରାପଲ । ଏହା ସହିତ, ନିର୍ଦ୍ଦିଷ୍ଟ ଶିଳ୍ପ ପ୍ରୟୋଗ ଏବଂ ମେସିନଗୁଡ଼ିକର ଚାହିଦା ପୂରଣ କରିବା ପାଇଁ କଷ୍ଟମାଇଜ୍ଡ ଆଟାଚମେଂଟ ଏବଂ ପ୍ରକୃତ ସ୍ପେୟାର ପାର୍ଟସ ବିଭାଗର ଏକ ବ୍ୟାପକ ପରିସର ମଧ୍ୟ ଉପଲବ୍ଧ ଥିଲା।

# ସପ୍ସି ଭାରତର ଛୋଟ ସହରରେ ଅଭିବୃଦ୍ଧିକୁ ସୁଦୃଢ଼ କରିଛି

ଭୁବନେଶ୍ୱର, ୧୧।୧୨ (ନି.ପ୍ର) : ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ହାଇପରଭାଲ୍ୟୁ ପ୍ଲାଟଫର୍ମ ମଧ୍ୟରୁ ଅନ୍ୟତମ ସପ୍ସି ବାଇ ଫ୍ଲିପକାର୍ଟ ଏହି ଉତ୍ସବ ଋତୁରେ ଅଭୂତପୂର୍ବ ସଫଳତା ରେକର୍ଡ କରିଛି, ଭାରତର ଟାୟାର ୨, ୩ ଏବଂ ୪ ସହରରୁ ଅର୍ଡର ଏବଂ ନୂତନ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇଛି । ପ୍ଲାଟଫର୍ମରେ ଯୁବ କ୍ରେତାମାନଙ୍କ ଠାରୁ ଉଚ୍ଚ ଯୋଗଦାନ, ଦୃଢ଼ ବର୍ଗ ଅଭିବୃଦ୍ଧି ଏବଂ ପୁନରାବୃତ୍ତି କ୍ରେତାମାନଙ୍କ ମଧ୍ୟରେ ତୀବ୍ର ବୃଦ୍ଧି ଦେଖିବାକୁ ମିଳିଥିଲା, ଯାହା ଗ୍ରାହକଙ୍କ ଧାରା ଏବଂ ହାଇପରଭାଲ୍ୟୁ ଇ-କମର୍ସ ଉପରେ ବିଶ୍ୱାସକୁ ପ୍ରତିଫଳିତ କରିଥିଲା । ଶ୍ରେଷ୍ଠ ୩/୪ ହବ୍ ମଧ୍ୟରେ ଭେଲୋର, ମେଦିନୀପୁର, ପୂର୍ବ ଗୋଦାବରୀ, ଚିତ୍ତୁର, ବର୍ଦ୍ଧମାନ, ଭାଗଲପୁର, ପୁରୀ, ଅଗରତାଲା ଏବଂ ବାଙ୍କୁରା ଅନ୍ତର୍ଭୁକ୍ତ । ଏହି ବଜାରଗୁଡ଼ିକ କେବଳ ପରିମାଣ ବୃଦ୍ଧି କରିନଥିଲେ ବରଂ ବିଶେଷ କରି ଦୀପାବଳି ସମୟରେ ବ୍ରାଣ୍ଡେଡ, ଗୁଣବତା-ଯାଂଚକୃତ ଚୟନର ଚାହିଦା ବୃଦ୍ଧି କରିଥିଲା । ଫ୍ଲିପକାର୍ଟର ସପ୍ସି ଏବଂ ଫ୍ଲିପକାର୍ଟ ମାର୍କେଟପ୍ଲେସର ଉପସଭାପତି କପିଲ ଥିରାନି କହିଛନ୍ତି, '୨୦୨୫ ଉତ୍ସବ ଋତୁ ଭାରତର କୋଣ ଅନୁକୋଣରୁ କ୍ରେତାମାନଙ୍କୁ ଭେଲୋର ଏବଂ ପୂର୍ବ ଗୋଦାବରୀରୁ ଅଗରତାଲା ଏବଂ ଭାଗଲପୁର ପର୍ଯ୍ୟନ୍ତ ସଫଳତାର ସହ ସପ୍ସିକୁ ଆଣିଛି । ଏହି ସଫଳତା ବିବିଧ, ମୂଲ୍ୟ-କେନ୍ଦ୍ରିତ ଉତ୍ପାଦ ପ୍ରଦାନ କରିବା ଏବଂ ସ୍ଥାନୀୟ ଉଦ୍ୟୋଗୀ ମାନଙ୍କୁ ସଶକ୍ତ କରିବା ପାଇଁ ପ୍ଲାଟଫର୍ମର ପ୍ରତିବଦ୍ଧତାର ପ୍ରମାଣ ଅଟେ, ଯାହା ଛୋଟ ସହରରେ ଗଭୀର ଭାବରେ ପ୍ରତିଧ୍ୱନିତ ହୁଏ । ମୂଳ ବର୍ଗରେ ଦୃଢ ଅଭିବୃଦ୍ଧି ଏବଂ ରେକର୍ଡ ପୁନରାବୃତ୍ତି ଗ୍ରାହକ ହାର, ବ୍ରାଣ୍ଡ ବିଶ୍ୱାସ ଏବଂ ବିଶ୍ୱସ୍ତତାକୁ ପ୍ରତିଫଳିତ କରେ, ସମସ୍ତଙ୍କ ପାଇଁ ଇ-କମର୍ସର ଉତ୍ସବର ଆନନ୍ଦ ଆଣିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୃଢ ଭାବରେ ସୂଚିତ କରେ । ନିକଟରେ ଆମର ଶୂନ୍ୟ-କମିଶନ ନୀତି ଗ୍ରହଣ କରିବା ସହିତ, ଅଧିକ ବିକ୍ରେତା ବର୍ତ୍ତମାନ ସପ୍ସିରେ ସଫଳ ହେବାକୁ ସକ୍ଷମ ହୋଇଛନ୍ତି ଏବଂ ଗ୍ରାହକଙ୍କୁ ଆହୁରି ଅଧିକ ମୂଲ୍ୟ ପ୍ରଦାନ କରିବାକୁ ସକ୍ଷମ ହୋଇଛନ୍ତି, ଯାହା ଏକ ପ୍ରକୃତ ହାଇପରଭାଲ୍ୟୁ ଗନ୍ତବ୍ୟସ୍ଥଳ ଭାବରେ ଆମର ସ୍ଥିତିକୁ ଦୃଢ କରିଛି।

# କୋଟକ ସିକ୍ୟୁରିଟିଜ୍‌ର ୨୦୨୬ ମାର୍କେଟ ଆଉଟଲୁକ୍: ଇକ୍ୱିଟି ମଜଭୁତ ରହିଛି, ବିଶ୍ୱସ୍ତରରେ ଅସ୍ଥିରତା ମଧ୍ୟରେ ସୁନା ନିଜର ଚମକ ବଜାୟ ରଖିଛି

ମୁମ୍ବାଇ, ୧୧।୧୨ (ନି.ପ୍ର) : କୋଟକ ସିକ୍ୟୁରିଟିଜ ('କୋଟକ ନିଓ') ତାହାର ୨୦୨୬ ବର୍ଷ ନିମନ୍ତେ ମାର୍କେଟ ଆଉଟଲୁକ୍ (ବଜାର ଦୃଷ୍ଟିକୋଣ) ଉନ୍ମୋଚନ କରିଛି, ଯେଉଁଥିରେ ବିଶ୍ୱସ୍ତରରେ ଅନିଶ୍ଚିତ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଇକ୍ୱିଟି ଓ କମୋଡିଟିଗୁଡିକୁ ନେଇ ଆଶାବାଦର ସୂଚନା ଦିଆଯାଇଛି। ଏହି ରିପୋର୍ଟରେ ଆଗାମୀ ବର୍ଷ ନଜର ରଖିବା ଆବଶ୍ୟକ ଥିବା ମାକ୍ରୋ ଧାରା, କ୍ଷେତ୍ରଭିତ୍ତିକ ସୁଯୋଗ ଏବଂ କମୋଡିଟି ସମ୍ପର୍କିତ ପୂର୍ବାନୁମାନ ଉପରେ ବିଶେଷ ଭାବରେ ଆଲୋକପାତ କରାଯାଇଛି।




ଶ୍ରୀପାଲ ଶାହ, ଏମ୍‌ଡି ଓ ସିଇଓ, କୋଟକ ସିକ୍ୟୁରିଟିଜ କହିଥିଲେ, 'ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା ହୋଇ ରହିଛି। ଦମ୍‌ଦାର ଉପାର୍ଜନ ଅନୁମାନ ଏବଂ ନୀତିଗତ ସମର୍ଥନ ଦ୍ୱାରା ପରିଚାଳିତ ହୋଇ ଇକ୍ୱିଟିକୁ ନେଇ ଆମର ଦୃଷ୍ଟିକୋଣ ବେଶ୍ ଉତ୍ସାହଜନକ ରହିଛି ଏବଂ ସେହି ସମୟରେ ସୁନା ୨୦୨୬ରେ ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ନିଜର ଚମକ ବଜାୟ ରଖିବା ଆଶା କରାଯାଉଛି। ଯୁବ ନିବେଶକଙ୍କ ଦ୍ୱାରା ବର୍ଦ୍ଧିତ ଅଂଶଗ୍ରହଣ ସହିତ ମାର୍କେଟରେ ଗଭୀର ନିୟୋଜନତା ଏବଂ ସମ୍ପତ୍ତି ସୃଷ୍ଟି ହେବାକୁ ଯାଉଛି।

ଶିଳ୍ପ କ୍ଷେତ୍ର ସମ୍ପର୍କରେ ସେ କହିଥିଲେ, 'ସେବିର ତାଜା ସର୍ବେକ୍ଷଣ ଅଧ୍ୟୟନ ଅନୁଯାୟୀ ୬୩% ପରିବାର ଅତିକମ୍‌ରେ ଗୋଟିଏ ପ୍ରତିଭୂତି ବଜାର ଉତ୍ପାଦ ସମ୍ପର୍କରେ ଅବଗତ ରହିଥିଲେ ମଧ୍ୟ ମାତ୍ର ୯.୫% ପରିବାର ସକ୍ରିୟ ଭାବରେ ନିବେଶ କରୁଛନ୍ତି। ଏହା ଅର୍ଥ ଭାରତର ପ୍ରତିଭୂତି ବଜାରରେ ବିପୁଳ ଅବ୍ୟବହୃତ ସମ୍ଭାବନା ରହିଛି। ବ୍ରୋକରେଜ ସଂସ୍ଥାଗୁଡିକ ପୁନିବେଶକୁ ସମାବେଶୀ ଓ ସୁଲଭ୍ୟ କରିବା ନିମନ୍ତେ ଏହି ଦାୟିତ୍ୱ ନେବାରେ ଅଗ୍ରଣୀ ଭୂମିକା ନିଭାଇବା ଉଚିତ।

କୋଟକ ସିକ୍ୟୁରିଟିଜ ମାର୍କେଟ ଆଉଟଲୁକ୍ ୨୦୨୬ ରିପୋର୍ଟରେ ଆଗାମୀ ବର୍ଷ ନିମନ୍ତେ ମୁଖ୍ୟ ଧାରା ଏବଂ ପ୍ରଭାବଗୁଡିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି।

**ଇକ୍ୱିଟି ମାର୍କେଟ:** ପରବର୍ତ୍ତୀ ଲହର ନିମନ୍ତେ ଏକ ଆଶାବାଦୀ ପର୍ଯ୍ୟାୟ ସ୍ଥାପନ କରୁଛି।
୨୦୨୪ ସେପ୍ଟେମ୍ବରରେ ଉଚ୍ଚ ସ୍ଥାନରୁ ଭାରତୀୟ ଇକ୍ୱିଟିଗୁଡିକ ୧୭% ହ୍ରାସ ଲକ୍ଷ୍ୟ କରିଛି, କିନ୍ତୁ ନିଫ୍‌ଟି ୫୦ ସିଓ୍ୱାଇ୨୫ ସୁଦ୍ଧା ଏକ ନୂତନ ସର୍ବକାଳୀନ ଉଚ୍ଚ ସ୍ତରକୁ ପ୍ରତ୍ୟାବର୍ତ୍ତନ କରିଛି।
ଲାର୍ଜ-କ୍ୟାପଗୁଡିକ ପୁନର୍ବାର ଅଗ୍ରଣୀ ଭୂମିକା ନେଇଥିବାବେଳେ ମିଡ୍-କ୍ୟାପ ଏବଂ ସ୍ମଲ-କ୍ୟାପ୍‌ଗୁଡିକ ପଛରେ ପଡିଯାଇଛନ୍ତି।
ଅଟୋମୋବାଇଲ, ବ୍ୟାଙ୍କସମୂହ ଏବଂ ଧାତୁ କ୍ଷେତ୍ରଗୁଡିକ ଚମତ୍କାର ପ୍ରଦର୍ଶନ କରିଥିବାବେଳେ ଆଇଟି ଓ ଏଫଏମ୍‌ସିଜ ଦୁର୍ବଳ ରହିଥିଲା।

ଘରୋଇ ନିବେଶକମାନେ ନିରନ୍ତର ଏଫ୍‌ପିଆଇ ପ୍ରବାହକୁ ସମର୍ଥନ କରି ଭାରତୀୟ ଇକ୍ୱିଟି ମାର୍କେଟ ଉପରେ ନିଜର ଆସ୍ଥା ପୁନଃଦୃଢ଼ୀଭୂତ କରିଛନ୍ତି।
ଦମ୍‌ଦାର ପ୍ରାଇମେରୀ ମାର୍କେଟ କାର୍ଯ୍ୟକଳାପ ନିରନ୍ତର ନିବେଶକଙ୍କ ଆଶାବାଦୀ ଓ ମଜଭୁତପଣ ସମ୍ପର୍କରେ ଉଲ୍ଲେଖ କରୁଛି।

**ନିଫ୍‌ଟି ଆଉଟଲୁକ୍ ଓ ଲକ୍ଷ୍ୟସମୂହ:**

ଉପାର୍ଜନ ଦୃଷ୍ଟିକୋଣ ଦୃଢ଼ୀଭୂତ ହୋଇଛି, ନିଫ୍‌ଟି ଲାଭ ଏଫଓ୍ୱାଇ୨୭ଇରେ ୧୭.୬% ଏବଂ ଏଫଓ୍ୱାଇ୨୮ଇରେ ୧୪.୩% ବୃଦ୍ଧି ପାଇବା ଲକ୍ଷ୍ୟ ରଖାଯାଇଛି।

୧୪୫୬ ଟଙ୍କା ଇପିଏସ୍‌ର ଏଫଓ୍ୱାଇ୨୮ଇ ଉପରେ ୨୦.ଏକ୍ସ ପିଇ ଅନୁମାନ କରି ନିଫ୍‌ଟି ଡିସେମ୍ବର ୨୦୨୬ ସୁଦ୍ଧା ୨୯,୧୨୦ରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି।

**ବୁଲ୍ କେସ୍:** ୩୨,୦୩୨ର ଲକ୍ଷ୍ୟ (୨୨.୦ଏକ୍ସର ପିଇ)

**ବିଅର୍ କେସ୍:** ୨୬,୨୦୮ର ନିମ୍ନମୁଖୀ ସ୍ଥିତି (୧୮.୦ଏକ୍ସର ପିଇ)

ସିଓ୍ୱାଇ୨୬ ନିମନ୍ତେ ଆମର ପସନ୍ଦଯୋଗ୍ୟ କ୍ଷେତ୍ରଗୁଡିକ ମଧ୍ୟରେ ରହିଛି : ବିଏଫଏସ୍‌ଆଇ, ଟେକ୍‌ନୋଲୋଜି, ହେଲ୍‌ଥକେୟାର ଏବଂ ହସପିଟାଲିଟି।

# ଏଚଆରଏସ୍ ଆଲୁଗ୍ଲେଜ୍ ଲିମିଟେଡ ପବ୍ଲିକ ଅଫର୍‌ରୁ ୫୦.୯୨ କୋଟି ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ ଯୋଜନା କରିଛି

ଅହମଦାବାଦ, ୧୧।୧୨ (ନି.ପ୍ର) : ଆଲୁମିନିୟମ ଉତ୍ପାଦଗୁଡିକର ଡିଜାଇନ, ବିନିର୍ମାଣ ଏବଂ ସ୍ଥାପନ କ୍ଷେତ୍ରରେ ନିୟୋଜିତ ଏଚଆରଏସ୍ ଆଲୁଗ୍ଲେଜ୍ ଲିମିଟେଡ ଏହାର ପବ୍ଲିକ ଅଫରରୁ ୫୦.୯୨ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ ଯୋଜନା କରୁଛି। ପବ୍ଲିକ ଅଫର୍ ସବ୍‌ସ୍କ୍ରିପସନ୍ ନିମନ୍ତେ ୨୦୨୫ ଡିସେମ୍ବର ୧୧ ତାରିଖରେ ଉନ୍ମୁକ୍ତ ହେବ ଏବଂ ୨୦୨୫ ଡିସେମ୍ବର ୧୫ ତାରିଖରେ ବନ୍ଦ ହେବ। କ୍ୟୁମୁଲେଟିଭ୍ କ୍ୟାପିଟାଲ ପ୍ରାଇଭେଟ ଲିମିଟେଡ ଏହି ଅଫର୍‌ର ଲିଡ୍ ମ୍ୟାନେଜର ରହିଛି। ସେୟାରଗୁଡିକ ବିଏସ୍‌ଇ ଏସ୍‌ଏମଇ ପ୍ଲାଟଫର୍ମରେ ତାଲିକାଭୁକ୍ତ ହେବ। ୫୦.୯୨ କୋଟି ଟଙ୍କାର ଇନିସିଆଲ ପବ୍ଲିକ୍ ଅଫର ମାର୍କେଟ ମାର୍କର ଅଂଶ ୨୭.୪୮ ଲକ୍ଷ ସେୟାର ସମେତ ୫୩.୦୪ ଲକ୍ଷ ଇକ୍ୱିଟି ସେୟାର୍‌ର ତାଜା ଇସ୍ୟୁ ହେବ। ସର୍ବସାଧାରଣଙ୍କ ନିମନ୍ତେ ଯୋଗାଇ ଦିଆଯାଉଥିବା ମୋଟ ଇସ୍ୟୁ ମଧ୍ୟରେ ପ୍ରତ୍ୟେକ ୧୦ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ସେୟାର ପିଛା ୯୪-୯୬ ଟଙ୍କା ମୂଲ୍ୟରେ ୫୦.୨୯ ଲକ୍ଷ ଇକ୍ୱିଟି ସେୟାର ରହିଛି। ଇସ୍ୟୁରୁ ସଂଗୃହୀତ ହେବାକୁ ଥିବା ମୋଟ ପାଣ୍ଠି ମଧ୍ୟରୁ ୧୮.୩୦ କୋଟି ଟଙ୍କାକୁ ଅହମଦାବାଦର ରାଜୋଡାଠାରେ ମୁଖଶାଳା କାର୍ଯ୍ୟ ନିମନ୍ତେ ଆସେମ୍ଲି ଓ ଗ୍ଲାସ୍ ଗ୍ଲେଜିଂ ଲାଇନ୍ ସ୍ଥାପନ ନିମନ୍ତେ ମୂଳଧନ ବ୍ୟୟ ବାବଦରେ, ୧୯ କୋଟି ଟଙ୍କା କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ପାଇଁ ଏବଂ ଅବଶିଷ୍ଟ ଅର୍ଥକୁ ସାଧାରଣ କମ୍ପାନୀ ପରିଚାଳନା ଉଦ୍ଦେଶ୍ୟରେ ବିନିଯୋଗ କରାଯିବ। ରିଟେଲ ବର୍ଗରେ ଯୋଗାଇ ଦିଆଯାଉଥିବା ମୋଟ ସେୟାର ୧୭.୮୫ ଲକ୍ଷ ରହିଛି।

ବ୍ୟକ୍ତିଗତ ନିବେଶକଙ୍କ ନିମନ୍ତେ ସର୍ବନିମ୍ନ ଆବେଦନ ୨,୪୦୦ ସେୟାର ରହିଛି, ଯେଉଁଥିପାଇଁ ସେୟାର ପିଛା ଅଫର ମୂଲ୍ୟ ୯୬ ଟଙ୍କା (ଉଚ୍ଚତର ମୂଲ୍ୟରେ)ରେ ୨,୩୦,୪୦୦ ଟଙ୍କାର ସର୍ବନିମ୍ନ ନିବେଶ ଆବଶ୍ୟକ। ଲଟ୍ ପରିମାଣ ୧,୨୦୦ ସେୟାର ରଖାଯାଇଛି।

୨୦୧୨ରେ ପ୍ରତିଷ୍ଠିତ ଏଚଆରଏସ୍ ଆଲୁଗ୍ଲେଜ୍ ଲିମିଟେଡ ଆଲୁମିନିୟମ ଉତ୍ପାଦଗୁଡିକର ଡିଜାଇନ, ବିନିର୍ମାଣ ଏବଂ ସ୍ଥାପନ କାର୍ଯ୍ୟରେ ନିୟୋଜିତ ରହିଛି।

